୨୫ଦିନ ହେଲା ଅନ୍ଧାରରେ ବ୍ରାହ୍ମଣୀନାଳି

# ବିଦ୍ୟୁତ୍ ସଂଯୋଗ ପାଇଁ ଅଫିସ୍ ଘେରାଉ

ସମ୍ବଲପୁର, ୧୨।୪(ସମିସ)

ପ୍ରାୟ ୨୦ଦିନ ତଳେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହାର ମରାମତି କିମ୍ବା ବଦଳାଯାଇ ପାରିଲା ନାହିଁ। ଫଳରେ ବିଦ୍ୟୁତ୍ ସମସ୍ୟା କାରଣରୁ ହନ୍ତସନ୍ତ



ହେଉଛନ୍ତି ଗ୍ରାମବାସୀ। ଅନେକ ଥର ଟାଟାପାୱାର ଅଧିକାରୀଙ୍କୁ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ନୂତନ ଟ୍ରାନ୍ସଫର୍ମର ଆସିଲେ ଏହି ସମସ୍ୟାର ସମାଧାନ ହେବ ବୋଲି ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ହେଲେ ସେମାନେ ଲାଞ୍ଚ ମାଗୁଛନ୍ତି। ଦେଶୀ କୁକୁଡ଼ା ଓ ୬ହଜାର ଟଙ୍କା ଲାଞ୍ଚ ଆକାରରେ ନେଇଯାଇଛନ୍ତି। ବିଦ୍ୟୁତ ଆଲୁଅ ଗ୍ରାମରେ ହେବାପରେ ଗ୍ରାମକୁ ଫେରିବେ ବୋଲି ହାତିବାରି ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟରେ ଧାରଣରେ ବସିଥିବା ଗ୍ରାମବାସୀ କହିଛନ୍ତି। ଘଟଣା କ୍ରମେ ଯୁଯୁମୁରା ବ୍ଲକ ଯୁଯୁମୁରା ପଞ୍ଚାୟତରେ ରହିଛି ବ୍ରାହ୍ମଣୀନାଳି ଗ୍ରାମ। ଗରିବ ଓ ଆଦିବାସୀ ଶ୍ରେଣୀର ପ୍ରାୟ ୪୦ପରିବାର ବସବାସ କରୁଛନ୍ତି। ତେଣୁ ଗ୍ରାମରେ ବିପିଏଲ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ମାର୍ଚ୍ଚ ୨୫ତାରିଖ ବିଦ୍ୟୁତ୍ ସରୋବରୋହ ବନ୍ଦ ହୋଇଯାଇଥିଲା। ଅଭିଯୋଗ କରିବା ପରେ ମରାମତି କରିବାକୁ ଆସିଥିଲେ। ସେମାନେ କୁକୁଡ଼ା ଓ ୬ହଜାର ଟଙ୍କା ଖର୍ଚ୍ଚା ଦିଅ ବୋଲି ନେଇଯାଇଥିଲେ। କମ୍ପାନୀ ଟଙ୍କା ଦେଉଛି ଭଲ ଦରମା ଦେଉଛି ହେଲେ ଗ୍ରାହକମାନଙ୍କ ଠାରୁ ମରାମତି ବାବଦରେ ଟଙ୍କା ଠକି ନେଇଯାଇଛନ୍ତି। ଦିନବେଳେ ସମୟ ଅତିବାହିତ ହୋଇଯାଉଛି। କିନ୍ତୁ ରାତିବେଳେ ବିଜୁଳି ନଥିବା କାରଣରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ସହ ରାତିରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଡେଙ୍ଗାମୁଣ୍ଡରେ ଠେଙ୍ଗା ପରି ବିଜୁଳି ସମସ୍ୟା ସାଙ୍ଗକୁ ବନ୍ୟଜନ୍ତୁଙ୍କ ଭୟ। ଉକ୍ତ ଗ୍ରାମଟି ଜଙ୍ଗଲ ପରିବେଷ୍ଟିତ ଥିବାରୁ ସବୁବେଳେ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ଭୟ ଲାଗିରହୁଛି। ଅନେକ ସମୟରେ ହାତୀ ଗ୍ରାମ ଭିତରକୁ ପଶି ଆସୁଥିବାରୁ ଅନ୍ଧାରରେ ସେମାନେ ଭୟଭୀତ ହୋଇ ରହୁଥିବା କହିଛନ୍ତି। ବିଦ୍ୟୁତ୍ କାଟ୍ ଯୋଗୁ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି। କିରୋସିନି ମୂଲ୍ୟ ବହୁ ଅଧିକ ଥିବାରୁ କିଣି ବ୍ୟବହାର କରିପାରୁନାହାନ୍ତି ବୋଲି ସେମାନେ କହିଛନ୍ତି। ନିକଟବର୍ତ୍ତୀ ଜଙ୍ଗଲରୁ ହାତୀପଲ ଆସି ଗାଁ ମୁହାଁ ହେଉଛନ୍ତି। ଧନ ଜୀବନ ପ୍ରତି ବିପଦ ରହୁଛି। ଏପଟେ ହାତୀଙ୍କ ଗତିବିଧି ସକ୍ରିୟ ଥିବା କାରଣରୁ ସନ୍ଧ୍ୟା ପରେ ନିଜ ଘରେ ବନ୍ଦ ହୋଇ ରହୁଛନ୍ତି। ସନ୍ଧ୍ୟା ହେଲେ ଅଞ୍ଚଳରେ ଅନ୍ଧକାର ରାଜୁତି କରୁଥିବାବେଳେ ଏ ନେଇ ବିଭାଗୀୟ କର୍ମଚାରୀ ସମ୍ପୂର୍ଣ୍ଣ ଚୁପ୍ ବସିଛନ୍ତି। ଟାଟା ପାୱାର ଅଧିକାରୀଙ୍କୁ ଯୋଗାଯୋଗ ମଧ୍ୟ କରାଯାଇଛି। ହେଲେ ନୂତନ ଟ୍ରାନ୍ସଫର୍ମର ଆସିଲେ ଏହି ସମସ୍ୟାର ସମାଧାନ ହେବ ବୋଲି ସୂଚନା ଦେଇଛି ବିଭାଗ। ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିଆସୁଥିଲେ ହେଁ ଏବେ ସଜଡ଼ା ଯାଉ ନଥିବାରୁ ଅନ୍ଧାରରେ ରାତି କାଟିବାକୁ ପଡୁଛି ବୋଲି ସେମାନେ କହିଛନ୍ତି।



# ରେଢ଼ାଖୋଲ ବିଜେପିରେ ଦାନା ବାନ୍ଧୁଛି ଅସନ୍ତୋଷ

**ସମ୍ବଲପୁର, ୧୨।୪(ସମିସ):** ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେପି ଦେବେନ୍ଦ୍ର ମହାପାତ୍ରଙ୍କ ନାଁ ଘୋଷଣା କରିବା ପରେ ଚାରିଆଡୁ ବିରୋଧ ଆରମ୍ଭ ହୋଇଛି। ସପ୍ତାହକ ତଳେ ଦେବେନ୍ଦ୍ର ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଯୁଯୁମୁରା ବ୍ଲକର ୧୧ଜଣ ବିଜେପି ପଦାଧିକାରୀ ନିଜ ପଦରୁ ଇସ୍ତଫା ଦେବା ସହ ଦଳ କହୁଥିବା ସଚ୍ଚୋଟତା ଉପରେ ପ୍ରଶ୍ନ କରିଥିଲେ। ହେଲେ ଆଜି କେଶାପାଲିରେ ବୈଠକ କରି ଦେବେନ୍ଦ୍ର



- ପ୍ରାର୍ଥୀ ବଦଳାଇବା ପାଇଁ ଦାବି
- ଦେବେନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ

ମହାପାତ୍ରଙ୍କ ବିରୁଦ୍ଧରେ ଖୋଲାଖୋଲି ବିଷୋଦ୍‌ଗାର କରିବା ସହ ପ୍ରାର୍ଥୀ ବଦଳାଇବା ପାଇଁ ଦାବି କରିଛନ୍ତି। ସାଂସଦ ପାଣ୍ଠିରୁ ଏକକୋଟି ଟଙ୍କା ଦୁରୁପଯୋଗରେ ଦେବେନ୍ଦ୍ର ମହାପାତ୍ରଙ୍କ ମଧ୍ୟ ଭୂମିକା ଥିବା ସେହି ୧୧ଜଣ ପ୍ରେସ ରିଲିଜ ଜାରି କରି ନିଜ ଦଳର ପ୍ରାର୍ଥୀଙ୍କୁ ବିରୋଧ କରିଥିଲେ। ସୂଚନା ଅନୁସାରେ କେଶାପାଲି ପଞ୍ଚାୟତ ଗିଦମାଲଠାରେ ବିଜେପିର ପୂର୍ବତନ କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜେପି ନେତା ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଉପସ୍ଥିତ ରହି ବିଜେପି ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ସାଂସଦ ପାଣ୍ଠି ହରିଲୁଟ୍ ଘଟଣାରେ ହାତ ଥିବା ନେଇ ମତ ରଖିଥିଲେ। ସାଂସଦ ନିତେଶ ଗଙ୍ଗଦେବଙ୍କ ନୋମିନି ଭାବରେ ଦେବେନ୍ଦ୍ର ମହାପାତ୍ରଙ୍କୁ ନିଯୁକ୍ତି ମିଳିଥିବାବେଳେ ୫ଟି ପଞ୍ଚାୟତରେ ୧ କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଟଙ୍କା ହରିଲୁଟ୍ ହୋଇଥିବା ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ବୈଠକରେ ତଥ୍ୟ ଉପସ୍ଥାପନା କରିଥିଲେ। ପରବର୍ତ୍ତୀ ସମୟରେ ନୋମିନି ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ପୂର୍ବରୁ ବିଜେପିରେ ଶୃଙ୍ଖଳିତ ଭାବରେ କାର୍ଯ୍ୟ କରିଥିବା ଜଣେ ବି କର୍ମୀଙ୍କୁ ନୋମିନି ଭାବେ ନିଯୁକ୍ତି ନମିଳିବା ଘଟଣାକୁ ନେଇ ମଧ୍ୟ ଆଜି ବୈଠକରେ ଆଲୋଚନା ସରଗରମ ହୋଇଥିଲା। ଏପିରିକି ସାଂସଦ ପାଣ୍ଠି ହଡପ୍ ଘଟଣାରେ ଦେବେନ୍ଦ୍ର ମହାପାତ୍ର ଗଣମାଧ୍ୟମରେ ଯେଉଁ ସଫେଇ ଦେଇଛନ୍ତି ତାହା ଗ୍ରହଣୀୟ ନୁହେଁ ବୋଲି ଉପସ୍ଥିତ ବିଜେପି କର୍ମୀ କହିବା ସହ ଏକ ପ୍ରେସ ରିଲିଜ ଜାରି କରିଛନ୍ତି। ସାଂସଦ ପାଣ୍ଠି ହରିଲୁଟ ହୋଇ ନାହିଁ ବୋଲି ଦେବେନ୍ଦ୍ର ପ୍ରମାଣ ଦିଅନ୍ତୁ ବୋଲି ତାଙ୍କ ଦଳର କର୍ମୀ ହିଁ ଆଜି ବୈଠକରେ ପ୍ରଶ୍ନ କରିଛନ୍ତି। ଯାହାକୁ ନେଇ ଦେବେନ୍ଦ୍ରଙ୍କ ପ୍ରାର୍ଥୀତ୍ୱକୁ ନେଇ ଚାରି ଆଡୁ ବିରୋଧ ଆରମ୍ଭ ହୋଇଛି। ଆଜିର ବୈଠକରେ କେଶାପାଲି ପଞ୍ଚାୟତର ସମିତି ସଭ୍ୟଙ୍କ ପ୍ରତିନିଧି ଅମରେଶ ପ୍ରଧାନ, ଆଶୀର୍ବାଦ ପ୍ରଧାନ, ସୁଶୀଲ ମହାକୁଡ, ଅଜୟ ପ୍ରଧାନ, ଦୀପକ ପ୍ରଧାନ, ଅଭିମନ୍ୟୁ ସେଠୀ, ବୃନ୍ଦାବନ ବରୱାଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ବାମରା ବ୍ଲକ ପରିଦର୍ଶନ



**ବାମରା, ୧୨।୪(ସମିସ):** ଶୁକ୍ରବାର ସମ୍ବଲପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୌରୀଶଙ୍କର ସିଂହ ବାମର ବ୍ଲକର ବିଭିନ୍ନ କୃଷିକ୍ଷେତ୍ର ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଅବସରରେ ଓଡ଼ିଶା ମିଲେଟ୍ ମିଶନ ତରଫରୁ ଚାଲିଥିବା ରବି ଋତୁର ଫସଲ ଅମଳ ପରିପ୍ରେକ୍ଷୀରେ ରଙ୍ଗିଆଟିକିରା ପଞ୍ଚାୟତ ରଜାବସା ଗ୍ରାମର ମାଣ୍ଡିଆ କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ମାଣ୍ଡିଆର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ମାଣ୍ଡିଆ ଚାଷର ହିତାଧିକାରୀଙ୍କୁ ତାଙ୍କର ପ୍ରୋତ୍ସାହନ ରାଶି ଓ ମଣ୍ଡିରେ ବିକ୍ରି କରିଥିବା ସଠିକ ବିକ୍ରୟମୂଲ୍ୟ ଯଥା ସମୟରେ ବ୍ୟାଙ୍କ ଆକାଉଣ୍ଟରେ ଜମା ହେଇଛି ନା ନାହିଁ ତାହା ତଦାରଖ କରିଥିଲେ। ବାମରା 'ପ୍ରଗତି' ବହୁମୁଖୀ ସମବାୟ ସମିତି ଏଫ୍‌ପିଓ ଏବଂ ମାଣ୍ଡିଆ ଗୋଦାମକୁ ପରିଦର୍ଶନ କରି କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଗତ ଖରିଫ୍ ଋତୁରେ ବାମରା ବ୍ଲକକୁ ୨୫୫କ୍ୱିଣ୍ଟାଲ ମାଣ୍ଡିଆ କିଣିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୦କ୍ୱିଣ୍ଟାଲ ମାଣ୍ଡିଆ ଟିଡିସିସିକୁ ପଠାଯାଇଥିବା ସୂଚନା ଦେଇଛନ୍ତି। ଆଉ ବଳକା ୭୫ କ୍ୱିଣ୍ଟାଲ ମାଣ୍ଡିଆ ଆସନ୍ତା ୧୫ ତାରିଖ ସୁଦ୍ଧା ପଠାଇବାକୁ ଲକ୍ଷ୍ୟ ରହିଛି। ବାମରା ବ୍ଲକର କ୍ଷେତ୍ର ପରିଦର୍ଶନ ପାଇଁ ଜିଲ୍ଲାରୁ ଆସିଥିବା ଅଧିକାରୀ ଶ୍ରୀ ସିଂ ସମସ୍ତ ପ୍ରକ୍ରିୟା, କାର୍ଯ୍ୟ ପଦ୍ଧତି, ଯୋଜନାର ସଠିକ ପରିଚାଳନା ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ବାମରା ବ୍ଲକ କୃଷି ଅଧିକାରୀ ଗଗନ ବିହାରୀ ନାୟକ, ସହକାରୀ କୃଷି ଅଧିକାରୀ ଚନ୍ଦ୍ରଭାନୁ ମାଝୀ, ବ୍ଲକ ପ୍ରକଳ୍ପ ସଂଯୋଜିକା ଦମୟନ୍ତୀ ନାଏକ, ମୁଖ୍ୟ ନିର୍ବାହୀ ଅଧିକାରୀ ପୂଜା ବଡାଏକ, ଏଫ୍‌ପିଓ ପରିଚାଳନା ନିର୍ଦ୍ଦେଶକ ସୁଜିତ୍ କୁମାର ନାଏକ ଉପସ୍ଥିତ ଥିଲେ।

# ପ୍ରାର୍ଥୀ ଘୋଷଣା କରିବାରେ କଂଗ୍ରେସ ପଛୁଆ

**ସମ୍ବଲପୁର, ୧୨।୪(ସମିସ):** ସମ୍ବଲପୁର ଲୋକସଭା ପାଇଁ ବିଜେପି, ବିଜେଡି ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ବିଜେଡିର ପ୍ରଣବ ପ୍ରକାଶ ଦାସ ଓ ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ଆରମ୍ଭ କରିଦେଇଛନ୍ତି; ହେଲେ କଂଗ୍ରେସ ଲୋକସଭା ଆସନରେ କାହାକୁ ପ୍ରାର୍ଥୀ କରିବ ସେ ନେଇ ନିଶ୍ଚିତ କରିପାରି ନାହିଁ। ସେହିପରି ବିଧାନସଭାରେ ମଧ୍ୟ ବିଜେପି ୪ଟି ଆସନରୁ ପ୍ରାର୍ଥୀ ଦେଇଥିବାବେଳେ ବିଜେଡି କୁଚିଣ୍ଡା ବିଧାନସଭାକୁ ବାଦ୍ ଦେଇ ଅନ୍ୟ ବିଧାନସଭାରେ ପ୍ରାର୍ଥୀ ଦେଇଛି; ହେଲେ କଂଗ୍ରେସ ବିଧାନସଭା ପ୍ରାର୍ଥୀ ମଧ୍ୟ ଦେଇପାରି ନାହିଁ। ଅନ୍ୟ ଦଳ ତୁଳନାରେ କଂଗ୍ରେସ ଜାତୀୟ ଦଳ ହୋଇ ପଛରେ ରହିଛି। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ପ୍ରାର୍ଥୀ ପାଉ ନାହିଁ ବୋଲି ମଧ୍ୟ କୁହାଯାଉଛି। ଅନ୍ୟପଟେ ଆଶୟୀ ସଂଖ୍ୟା ଅଧିକ ସମସ୍ୟା ହୋଇଥିବାବେଳେ ତଥା କାଳେ ଅନ୍ୟ ଦଳ ନେତା ଯୋଗଦାନ କରିପାରନ୍ତି ବୋଲି ଦଳ ଅପେକ୍ଷା କରିଛି। ତେବେ ଯାହା ହେଉନା କାହିଁକି ପ୍ରାର୍ଥୀ ବିଳମ୍ବରେ ଦେଲେ ନିର୍ବାଚନ ପାଇଁ ପ୍ରଚାର କରିବାରେ ସମସ୍ୟା ହେବ ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ଟିକଟ ନ ମିଳିଲେ ପ୍ରଚାର ପ୍ରସାର ଓ ସଭାସମିତି କରିବାକୁ ନେତାମାନେ ପଛାଇଛନ୍ତି ବୋଲି ମଧ୍ୟ ସେ କହିଛନ୍ତି।

ସେହିପରି ୪ଟି ଯାକ ବିଧାନସଭାରେ କଂଗ୍ରେସ ଟିକଟ୍ ଦ୍ୱନ୍ଦ୍ୱରେ ରହିଛି। କଂଗ୍ରେସ ବିଗତ ଦୁଇଟି ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ କରିପାରି ନାହିଁ। ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡାରେ ବହୁତ କମ ଭୋଟ୍ ଦଳକୁ ମିଳିଥିବାବେଳେ କେବଳ ରେଢ଼ାଖୋଲରେ ଭଲ ପ୍ରଦର୍ଶନ କରିଥିଲା। କଂଗ୍ରେସ ପ୍ରାର୍ଥୀ ଆସଫ୍ ଅଲ୍ଲିଖାନ ୪୨ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥର କିନ୍ତୁ ଦଳ ମଜବୁତ ହୋଇ ଆସନ ହାତେଇବାକୁ ଲକ୍ଷ୍ୟ ରଖିଛି ଓ ଏପ୍ରିଲ ୧୫ସୁଦ୍ଧା ତାଲିକା ପ୍ରକାଶ ପାଇବ ବୋଲି ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ସମ୍ବଲପୁର ଗସ୍ତରେ ଆସିଥିବାବେଳେ କହିଥିଲେ। ସମ୍ବଲପୁର ପାଇଁ ଅନେକ ବରିଷ୍ଠ, ଯୁବ ନେତା ଆଶାୟୀ ତାଲିକାରେ ଅଛନ୍ତି; ହେଲେ ଦଳ ବରିଷ୍ଠ ନା ଯୁବନେତାଙ୍କୁ ପ୍ରାଧାନ୍ୟ ଦେବ ସେ ନେଇ କଳ୍ପନା ଚାଲିଛି। ୨ ଯୁବନେତା ନିଜ ଅଞ୍ଚଳରେ ନିଜର ସଙ୍ଗଠନକୁ ମଜବୁତ ରଖିଛନ୍ତି। ନିଜ କର୍ମୀଙ୍କୁ ନେଇ ସମାବେଶ କରୁଛନ୍ତି। ଗତ ୧୦ବର୍ଷ ହେଲା କରିଥିବା ସଙ୍ଗଠନକୁ କଂଗ୍ରେସ ଦଳରେ ସାମିଲ କରିଥିବା କୁହାଯାଉଛି। ତେଣୁ ଅନ୍ୟ ଦଳକୁ ଟକ୍କର ଦେବାକୁ ସେ କ୍ଷେତ୍ର ପ୍ରସ୍ତୁତି କରୁଥିବା କହିଛନ୍ତି। ୨୦୦୯ ପରେ କଂଗ୍ରେସ କୁଚିଣ୍ଡା ଦଖଲ କରିପାରିନି। ଗତ ୨ଟି ବିଧାନସଭାରେ ଶୋଚନୀୟ ପରାଜୟ ସହ ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଆସୁଛି। ତେଣୁ ଏଥର ଦଳ ନୂଆ ମୁହଁକୁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଦଳ ପକ୍ଷରୁ ଚୂଡ଼ାନ୍ତ ତାଲିକା ହାଇକମାଣ୍ଡଙ୍କ ପାଖକୁ ଯାଇଛି। ମୋହର ବାଜିବା ପରେ ତାଲିକା ପ୍ରକାଶ ପାଇଯିବ ବୋଲି ଶୀର୍ଷ ନେତୃତ୍ୱ କହୁଛନ୍ତି।

## ଜିଲ୍ଲାପାଳଙ୍କ ଷ୍ଟ୍ରଙ୍ଗ୍‌ରୁମ୍ ଓ ବୁଥ ପରିଦର୍ଶନ



**କୁଚିଣ୍ଡା, ୧୨।୪(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁକ୍ରବାର ପୂର୍ବାହ୍ନରେ କୁଚିଣ୍ଡା ଗସ୍ତରେ ଆସି ବାମରା ବ୍ଲକର ଜରାବଗା, ଲଫଡ଼ା, ବାବୁନିକ୍ତିମାଳ, ଲରିଆପାଲି ଆଦି ୪ଟି ବୁଥ୍ ଏବଂ କୁଚିଣ୍ଡା ବ୍ଲକର ତୁରେଇ ନିକ୍ତିମାଲ, କୁନ୍ଦୁରା, କୁସୁମୀ, ସାଲେଭାଡ଼ି, ବଡ଼ ମୁଣ୍ଡାଲୋଇ ଆଦି ପୁଲିଂ ବୁଥ୍ ଗୁଡିକୁ ବୁଲି ଦେଖିବା ସହିତ ବୁଥ୍ ସେଣ୍ଟର ଅଫିସରଙ୍କ ସହ ଆଲୋଚନା କରିଥିଲେ। ପରେ କୁଚିଣ୍ଡା ମହାବିଦ୍ୟାଳୟ ପରିସରରେ ତିଆରି କରାଯାଇଥିବା ଷ୍ଟ୍ରଙ୍ଗ୍‌ରୁମର ସୁରକ୍ଷା ଯାଞ୍ଚ କରିଥିଲେ। ଏହି ଅବସରରେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ହେମସାଗର ଭୋଇ, ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ବାମରା ବିଡ଼ିଓ ପୁଷ୍ପ ପଧାନ, ତହସିଲଦାର ଦିଲ୍ଲୀପ ପଧାନ, କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ବୁଥ୍ କର୍ମକର୍ତ୍ତାଙ୍କ ତାଲିମ କାର୍ଯ୍ୟକ୍ରମ



**ରେଙ୍ଗାଲି, ୧୨।୪(ସମିସ):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ରେଙ୍ଗାଲି ସଂରକ୍ଷିତ ବିଧାନସଭା ଆସନରେ କଂଗ୍ରେସ ଦଳ ଏଥର ପୁଣିଥରେ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ କସରତ ଆରମ୍ଭ କରିଛି। ଶୁକ୍ରବାର ରେଙ୍ଗାଲି ପୁରୁଣା ବସ୍ତିଠାରେ ରହିଥିବା କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସ କମିଟିର ବୁଥ୍ କମିଟି କର୍ମକର୍ତ୍ତାମାନଙ୍କ(ବିଏଲ୍-୨) ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମପଞ୍ଚାୟତ ଗୁଡ଼ିକର ବୁଥ କର୍ମକର୍ତ୍ତାମାନେ ଏଥିରେ ଯୋଗ ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ଚତୁର୍ଭୁଜ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମ ତଥା ବୈଠକରେ ଏଆଇସିସି ଦ୍ୱାରା ନିଯୁକ୍ତ ସମ୍ବଲପୁର ଲୋକସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ପ୍ରେମ ଶଙ୍କର ମିଶ୍ର ଯୋଗଦେଇ କର୍ମୀମାନଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଦୁଲାଳଚନ୍ଦ୍ର ପଧାନ ଅତିଥି ଭାବରେ ଯୋଗଦେଇ ବୁଥ୍ ତଥା ଅନ୍ୟ କର୍ମୀମାନେ ନିର୍ବାଚନ ସମୟରେ ନିର୍ଭୀକ ଭାବରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଯୋଗଦେଇ ଆଗାମୀ ନିର୍ବାଚନରେ କର୍ମୀମାନଙ୍କୁ ଆର୍‌ପାର୍ ଲଢେଇରେ ସାମିଲ ହେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିପରି ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସାମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ଦୂରୀୟା ଏଥିରେ ଯୋଗଦେଇ ରେଙ୍ଗାଲି ବିଧାନସଭା ଆସନ ଅଧୀନ ଜମି, ଜଳ, ଜଙ୍ଗଲ ଏବଂ ଖଣି ଭଳି ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ମିଳିତ ଲଢ଼େଇ ନିହାତି ଆବଶ୍ୟକ। ତେଣୁକରି ରେଙ୍ଗାଲିରେ ଯିଏବି ପ୍ରାର୍ଥୀ ହୁଅନ୍ତୁ ଆଗାମୀ ନିର୍ବାଚନରେ ସମସ୍ତେ ମିଳିମିଶି ଲଢ଼ିବା ପାଇଁ ଆହ୍ୱାନ ଦେଇଥିଲେ।

# ଦୂର ହେବ ଜଳକଷ୍ଟ; ନିର୍ମାଣ ହେଲା ଆଡ଼ିବନ୍ଧ



**କୁଚିଣ୍ଡା, ୧୨।୪(ସମିସ):** ଚଳିତ ଖରାଦିନରେ କୁଚିଣ୍ଡାରେ ଜଳକଷ୍ଟ ଦୂର ହେବ ବୋଲି ଆଶା କରାଯାଉଛି। ନିକଟସ୍ଥ ନଦୀରେ ଆଡ଼ିବନ୍ଧ ନିର୍ମାଣ କରି ଜଳକୁ ସଂରକ୍ଷିତ କରି ରଖାଯିବାକୁ ଜନସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ଯାହାକୁ ନେଇ ଲୋକମାନେ ଖୁସୀ ବ୍ୟକ୍ତ କରିଛନ୍ତି। ହେଲେ ବିଭାଗର ଏହି ପଦକ୍ଷେପ କେତେ ସଫଳ ହେବ ତାହା ସମୟ କହିବ ବୋଲି ଲୋକମାନେ କହୁଛନ୍ତି। କୁଚିଣ୍ଡା ଏନ୍‌ଏସିରେ ଗତ ଗ୍ରୀଷ୍ମଋତୁରେ ଚାରିଆଡ଼େ ନଦୀନାଳ ଶୁଖି ଯାଇଥିଲା। କୁଚିଣ୍ଡାର ଗୋଟିଏ ପାର୍ଶ୍ୱରେ ଥିବା ଭେଡ଼େନ ନଦୀ ଓ ଆଉଗୋଟିଏ ପାର୍ଶ୍ୱରେ ପ୍ରବାହିତ ଖର୍ଲା ନଦୀ ସମ୍ପୂର୍ଣ୍ଣ ରୂପେ ଶୁଖି ଯାଇଥିଲା। ଝୁଲେନ ପୋଲଠାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଇନ୍‌ଟେକ ୱାଲ ମଧ୍ୟ ଶୁଖିଲା ପଡ଼ିଯିବାରୁ କୁଚିଣ୍ଡା ସହରରେ ଘୋର ଜଳକଷ୍ଟ ଭୋଗିବାକୁ ପଡ଼ିଥିଲା। ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ନୀଳମାଧବ ନାଗ ଲୋକଙ୍କ ରୋଷର ଶିକାର ହୋଇଥିଲେ ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରି ବିଭିନ୍ନ ସ୍ଥାନରୁ ପାଣି ଟାଙ୍କି ଗୁଡ଼ିକ ଆଣି ନିରବଚ୍ଛିନ୍ନ ଭାବେ ସହରକୁ ଜଳଯୋଗାଣ କରିଥିଲେ। ଶାସନଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟିରେ ଏକ ଚିହ୍ନାମୁହଁ ହୋଇଥିଲେ। ୧୧ଟି ୱାର୍ଡ଼ ବିଶିଷ୍ଟ କୁଚିଣ୍ଡା ଏନ୍‌ଏସିର ସମସ୍ତ ଗଳିକନ୍ଦିକୁ ସରକାରଙ୍କ ଯୋଜନା ମୁତାବକ ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବିଧା କରାଯାଇଥିଲା। ଏନ୍‌ଏସିରେ ୨୨ହାଜରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ସହରରେ ୨ହଜାର ୯ଶହ ୯୬ପରିବାରକୁ ପାନୀୟ ଜଳ ଟେପ୍ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଗତବର୍ଷ ପରି ଏବର୍ଷ ଜଳକଷ୍ଟ ଦେଖାଦେବ ନାହିଁ। ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ଖର୍ଲା ନଦୀର ତଳ ଅଞ୍ଚଳରେ ଏକ ବାଲି ଭର୍ତ୍ତି ଆଡ଼ିବନ୍ଧ ତିଆରି କରି ପ୍ରବାହିତ ଜଳକୁ ଅଟକ ରଖିଥିବା ସୂଚନା ଦେଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ନୀଳ ମାଧବ ନାଗ ପ୍ରକାଶ କରିବା ସହ ସହରର ୱାର୍ଡ ନଂ ୧୦ ସ୍ୱାଧୀନପଡ଼ା, ଗେଟପଡ଼ା ଆଦି ପାଣି ପାଇଁ ଅଭିଯୋଗ କରିବାରୁ ସେମାନଙ୍କ ୱାର୍ଡ ପାଇଁ ୪ଟି ଟାଙ୍କି ରଖାଯାଇ ଟେଙ୍କର ମାଧ୍ୟମରେ ୪ଟି ସ୍ଥାନରେ ପାଣିଟାଙ୍କି ଗୁଡ଼ିକୁ ଭର୍ତ୍ତି କରୁଛି। ଦିନକୁ ୨ଥର ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛି। ଜଳକଷ୍ଟ ଯେପରି ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ ନାଗ ପ୍ରକାଶ କରିଥିଲେ।

# ଧାନ ଅମଳରେ ଦେଖାଦେବ କୃଷି ଶ୍ରମିକ ସଙ୍କଟ

ସମ୍ବଲପୁର, ୧୨।୪(ସମିସ)

ପଶ୍ଚିମ ଓଡ଼ିଶାରେ ଆଗାମୀ ରବି ଧାନ ଅମଳ ସମୟରେ କୃଷି ଶ୍ରମିକ ଦେଖାଦେବା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଥିବା କହୁଛନ୍ତି। ଏହାର ପ୍ରମୁଖ କାରଣ ଚଳିତ ସାଧାରଣ ନିର୍ବାଚନ-୨୦୨୪। ଧାନ ଅମଳ ସମୟରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରେ ନିର୍ବାଚନ ଚାଲିଥିବ। ତେଣୁ ମତଦାନ କରିବା ଓ ଅଧିକ ମତଦାନ କରାଇବା ପାଇଁ ସ୍ଥାନୀୟ ପ୍ରଶାସନ ଦାଦନ ଶ୍ରମିକ ଉପରେ ରୋକ ଲଗାଇଥିବା ଜଣେ ଚାଷୀ କହିଛନ୍ତି। ସେମାନେ ଶ୍ରମିକ ଆଣିବାକୁ ଛତିଶଗଡ଼ ଓ ଓଡ଼ିଶାର ଅଣଜଳସେଚିତ ଅଞ୍ଚଳ କଳାହାଣ୍ଡି, ନୂଆଁପଡ଼ା, ବଲାଙ୍ଗିର, ପଦ୍ମପୁର ଭଳି ସ୍ଥାନକୁ ଯାଇଥିଲେ। ହେଲେ ଶ୍ରମିକମାନେ ରୋକ୍‌ଠୋକ୍ ମନା କରି ଅଗ୍ରୀମ ଟଙ୍କା ନେଇ ନଥିବା କହିଛନ୍ତି। ଅନ୍ୟ କେତେକ ଶ୍ରମିକ ମତଦାନ ପରେ କାମ କରିଯିବାକୁ କହିଥିଲେ। ହେଲେ ମେ ୧୫ ପରେ ବିଭିନ୍ନ ସ୍ଥାନରେ ମତଦାନ ରହିଛି। ଏହି ସମୟରେ ଅଧିକାଂଶ ଧାନ ଅମଳ ହୋଇସାରିଥାଏ ବୋଲି ଚାଷୀ କହିଛନ୍ତି। ଚଳିତବର୍ଷ ସାଧାରଣ ନିର୍ବାଚନ ଓ ଧାନ ଅମଳ ସମୟ ପ୍ରାୟ ସମାନ ରହିଛି। ତେଣୁ ଶ୍ରମିକ ସମସ୍ୟା ହେବ ବୋଲି କହିଥିଲେ। ଚାଷୀନେତା ଅଶୋକ ପ୍ରଧାନ କହିଛନ୍ତି, ପଶ୍ଚିମ ଓଡ଼ିଶାବାସୀ ଧାନ ରୁଆ, ଧାନ ଅମଳ ପାଇଁ ବାହର ଶ୍ରମିକ ଉପରେ ନିର୍ଭର କରନ୍ତି। ଛତିଶଗଡ଼ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରବି ଫସଲ ହେଉ ନଥିବା ସ୍ଥାନରୁ ଶ୍ରମିକ ଆସନ୍ତି। ଶ୍ରମିକମାନେ ରୋଜଗାର ପାଆନ୍ତି ଏହାସହ ଚାଷୀମାନଙ୍କ ମଧ୍ୟ ସୁବିଧା ହୋଇଥାଏ। ଯେତେ କୃଷି ଯନ୍ତ୍ରପାତି ବ୍ୟବହାର କଲେ ମଧ୍ୟ ଶ୍ରମିକମାନଙ୍କ ନିହାତି ଆବଶ୍ୟକତା ରହିଛି। କୃଷି ଶ୍ରମିକ ସଙ୍କଟ ସୃଷ୍ଟି ହେବ। ସ୍ଥାନୀୟ ଶ୍ରମିକମାନେ ଆଡ଼ି ପ୍ରସ୍ତୁତି, ପହ୍ଲା ପକାଇବା, ରୂଆ, ଲଟା କାଟିବା, ବାଛିବା, ଧାନ କାଟିବା ଭଳି ଚାଷର ଅଧା



## ନିର୍ବାଚନ ଯୋଗୁଁ ନେଉନାହାନ୍ତି ଅଗ୍ରୀମ ଟଙ୍କା

କାର୍ଯ୍ୟ କରି ଦେଉଥିଲେ। ସେମାନେ ବର୍ତ୍ତମାନ ଦାଦନ ଖଟିବାକୁ ରାଜ୍ୟ ବାହରକୁ ଯାଉଛନ୍ତି। ଆଜି ଚାଷ ଏତେ ଖର୍ଚ୍ଚବହୁଳ ହେବାର ପ୍ରମୁଖ କାରଣ ମଧ୍ୟରେ ଅନ୍ୟତମ ଅଟେ ଶ୍ରମିକଙ୍କ ଅଭାବ। ସାମାଜିକ ଏବଂ ଆର୍ଥିକ ଭାବରେ କୃଷି ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ, ଦଳିତ ଏବଂ ଆଦିବାସୀବର୍ଗର ଅଟନ୍ତି। ଚାଷୀନେତା ସରୋଜଙ୍କ କହିବା ଅନୁସାରେ, ପୁରୁଣା କୃଷି ବ୍ୟବସ୍ଥାରେ କୃଷି ଶ୍ରମିକମାନେ ବଡ଼ ଚାଷୀଙ୍କ ଘରେ ଏକପ୍ରକାର କ୍ରୀତଦାସ ଭଳି ଥିଲେ। ଆବଶ୍ୟକ ସମୟରେ କିଛି ଟଙ୍କାର ଋଣ ଦେଇ ବଂଶାନୁକ୍ରମରେ ଦାସ ଭଳି କାର୍ଯ୍ୟ କରୁଥିଲେ। ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ପୂର୍ବରୁ ଦାରିଦ୍ର୍ୟ ଏଭଳି ଥିଲା ଯେ କିଛି ଖାଦ୍ୟ ଏବଂ ନାମମାତ୍ର ମଜୁରୀରେ ସେମାନେ ହାଡ଼ଭଙ୍ଗା ପରିଶ୍ରମ କରୁଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ମନରେଗା ସହିତ କାରଖାନା ଏବଂ ରାଜ୍ୟ ବାହାରେ ବର୍ଷତମାମ ଅଧିକ ପ୍ରାପ୍ୟ ସହିତ ରୋଜଗାର ବ୍ୟବସ୍ଥା ସୃଷ୍ଟି ପରେ ନୂଆ ପୀଢ଼ି କୃଷି ଶ୍ରମିକ ହେବାକୁ ଚାହୁଁ ନାହାନ୍ତି। ୫୦ଜଣ ଶ୍ରମିକ ସ୍ୱଳ୍ପ ସମୟରେ ଏକାଧିକ ଚାଷୀଙ୍କ ସହିତ କାର୍ଯ୍ୟ କରି ଫେରିଯାଆନ୍ତି। ଶ୍ରମିକ ଦଳଙ୍କ ମଧ୍ୟରେ ଅଧିକାଂଶ ମହିଳା ଥାଆନ୍ତି। ଛତିଶଗଡ଼ ଉପରେ ନିର୍ଭରଶୀଳତା ଯୋଗୁଁ ନିର୍ବାଚନ ମସିହାରେ ଧାନ କାଟିବା ବିଳମ୍ବିତ ହୋଇଥାଏ। ସୂଚନାଯୋଗ୍ୟ, ଚଳିତ ରବି ଫସଲ ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ପାଣି, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଚାଷ ହେଉଛି। ଚାଷୀମାନେ ପଞ୍ଜିକରଣ ମଧ୍ୟ କରିସାରିଛନ୍ତି। ଧାନ ବିକ୍ରି କରିବା ପାଇଁ ଏକ ସମୟ ଦେଇଛନ୍ତି। ଯଦି ସମୟ ଭିତରେ ଅମଳ ନହେବ ତା'ହେଲେ ଧାନ ବିକ୍ରିରେ ମଧ୍ୟ ସମସ୍ୟା ଉପୁଜିବ। ତେଣୁ ଚଳିତବର୍ଷ ଧାନ ଅମଳ ଚାଷୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଆଲୋଚନା ହେଉଛି।

## ଆମ୍ବ ତୋଳାକୁ ନେଇ ପଡ଼ୋଶୀ ସହ କଂଗ୍ରେସ ନେତ୍ରୀଙ୍କ ଗଣ୍ଡଗୋଳ

**ସମ୍ବଲପୁର, ୧୨।୪(ସମିସ):** ସମ୍ବଲପୁର ଧନୁପାଲି ଥାନା ପେନସନପଡ଼ାର କଂଗ୍ରେସ ନେତ୍ରୀ ସୁତାପା ମିତ୍ରଙ୍କ ଘରେ ଆଜି ଆମ୍ବ ତୋଳିବାକୁ ନେଇ ତାଙ୍କ ପରିବାର ଓ ପଡୋଶୀଙ୍କ ମଧ୍ୟରେ ବଚସା ହୋଇ ଉତ୍ତେଜନା ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପରେ ପୁଲିସ ଟିମ ପହଞ୍ଚିଥିଲେ। ବୁଝାମଣା ସହତ ଉଭୟ ପକ୍ଷଙ୍କ ଅଭିଯୋଗ ଶୁଣିଥିଲେ। ଶେଷରେ ମାମଲାର ସମାଧାନ ହୋଇଥିଲା। ଏନେଇ କୌଣସି ଅଭିଯୋଗ ହୋଇ ନଥିବା ସଦର ଏସଡିପିଓ ତୋଫାନ ବାଗ କହିଛନ୍ତି। ଘଟଣା କ୍ରମେ ପଡ଼ାର ଦୁଇ ଜଣ ପିଲା ସୁତାପାଙ୍କ ଘର ବାଡିରେ ଥିବା ଆମ୍ବ ତୋଳିବାକୁ ଯାଇଥିଲେ। ସେମାନେ ପଥର ମାରିଥିଲେ। ଏହାକୁ ଦେଖି ସୁତାପା ମନା କରିଥିଲେ। ପିଲାଙ୍କୁ ଚାଲିଯିବାକୁ କହିଥିଲେ। ଏହି ଖବର ଅଭିଭାବକମାନଙ୍କ ପାଖରେ ପହଞ୍ଚିଥିଲା। ପରେ ସୁତାପାଙ୍କ ଘର ଭିତରକୁ ସଂଘବଧ ଭାବେ ଏକାଧିକ ଲୋକ ପହଞ୍ଚି ଯାଇଥିଲେ। ସେଠାରେ ଗଣ୍ଡଗୋଳ କରିବା ସହ ଗାଲି ଗୁଲଜ କରିଥିବା ସୁତାପା ପୁଲିସ ପାଖରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଅଭିଭାବକମାନେ ପିଲାମାନଙ୍କୁ ଘରେ ଅଟକ ରଖି ସୁତାପା ମାଡପିଟ କରିଥିବା ନେଇ ଅଭିଯୋଗ କରିଥିଲେ। ସାମାନ୍ୟ ଆମ୍ବକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।



## ଶଶୀ ପଗୋଡ଼ାଙ୍କ ହତ୍ୟାକୁ ପୂରିଲା ୨ ମାସ

# ପୁଲିସ୍‌ର ଅପାରଗତା ନା ଚାପ

**ସମ୍ବଲପୁର, ୧୨।୪ (ସମିସ)**

ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ହୀରାକୁଦର ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶୀ ପଗୋଡ଼ା (୫୫)ଙ୍କୁ ଗତ ଫେବୃଆରୀ ୧୦ତାରିଖ ଜଘନ୍ୟଭାବେ ହତ୍ୟା କରାଯାଇଥିଲା। ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା ଅନ୍ତର୍ଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ବଲବସପୁର ଗ୍ରାମ ରାସ୍ତାପାର୍ଶ୍ୱରୁ ପୁଲିସ ସକାଳୁ ସକାଳୁ ଜବତ କରିଥିଲା। ଘଟଣାକୁ ନେଇ ବିଭିନ୍ନ କଥା ଆଲୋଚନା ହୋଇଥିଲା। ପୁଲିସକୁ ଦାୟୀ କରି ପରିବାର ପରିଜନ ରାସ୍ତାରୋକ କରିଥିଲେ। କିଛିଦିନ ପୁଲିସ ତଦନ୍ତ କରୁଥିବା ନେଇ ଲୋକଙ୍କୁ ଠକି ଚାଲିଲା। ଏପରିକି ୩ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଘଟଣାକୁ ୨ମାସ ପୂରି ଯାଇଛି। ପୁଲିସ ସଫଳତା ହାସଲ କରିପାରି ନାହିଁ। ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟଣାକୁ ହାଲୁକା ଭାବେ ନେଇ ମୁଣ୍ଡପାତି ରହିଛି। ପୁଲିସ ପାଖରେ ଏତେ ଜ୍ଞାନକୌଶଳ, ମାନବସମ୍ବଳ ଥାଇ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରିପାରୁ ନାହିଁ। ପୁଲିସ ଅବହେଳା ଯୋଗୁଁ ଆଜି ହତ୍ୟାକାରୀ ନିର୍ଭୟରେ ରହୁଥିବା ଆଲୋଚନା ହେଉଛି। ହତ୍ୟା ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ ବିଫଳ ହେବା ଘଟଣା ଅନ୍ୟ ଅପରାଧଙ୍କୁ ସାହସ ଦେଉଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଫେବୃୟାରୀ ୧୦ତାରିଖ ଶଶୀ ପଗୋଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିଚୟ ନଷ୍ଟ କରିବା ପାଇଁ ମୁହଁରେ ନିଆଁ ଲଗାଇ କେହି ପୋଡ଼ି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଥିଲା ଯେ, ପୂର୍ବ ସନ୍ଧ୍ୟାରୁ ଶଶୀ ନିଖୋଜ ଥିଲେ। ପରିବାର ପକ୍ଷରୁ ଏ ସମ୍ପର୍କରେ ପୁଲିସରେ ଅଭିଯୋଗ କରିବାରେ ୨୪ଘଣ୍ଟା ପରେ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ପୁଲିସର ଅବହେଳା ଯୋଗୁ ଶଶୀଙ୍କୁ ହତ୍ୟାକରି ଅଭିଯୁକ୍ତମାନେ ଫିଙ୍ଗି ଦେବାରେ ସଫଳ ହେଲେ ବୋଲି ପରିବାର ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ସାଇନଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ରକ୍ତ ନମୂନା ତଥ୍ୟ ପ୍ରମାଣ ସଂଗ୍ରହ କରିଥିଲେ। କିଛିଦିନ ପୁଲିସ ସକ୍ରିୟ ହେଉଥିବା ଜଣାପଡ଼ିଥିଲା। ତେଣୁ ପୁଲିସ ଭୟ ବା ଚାପ ଯୋଗୁଁ ମାମଲାକୁ ହାଲୁକା ଭାବେ ନେଉଛି ବୋଲି ଚର୍ଚ୍ଚା ହେଉଛି। ଏଭଳି ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରି ପାରିବା ପୁଲିସ୍‌ର ଅପାରଗତାକୁ ପଦାରେ ପକାଇଛି ବୋଲି ଲୋକେ କହୁଛନ୍ତି।



**ନିର୍ଭୟରେ ହତ୍ୟାକାରୀ**

## ପ୍ରସନ୍ନ ଆଚାର୍ଯ୍ୟ ଏବଂ ରୋହିତ ପୂଜାରୀଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ

**ସମ୍ବଲପୁର, ୧୨।୪ (ସମିସ):** ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା କ୍ଷେତ୍ର ପାଇଁ ବିଜେଡ଼ି ପକ୍ଷରୁ ପ୍ରସନ୍ନ ଆଚାର୍ଯ୍ୟ ଏବଂ ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ ଭାବରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବା ସହ ଖୁସିର ସହ ଏହି ଉତ୍ସବକୁ ପାଳନ କରିଛନ୍ତି। ପୂର୍ବତନ ହୀରାକୁଦ ନଗର ସଭାପତି ଶାନ୍ତନୁ ବଡ଼ପଣ୍ଡାଙ୍କ ନେତୃତ୍ୱରେ ଆଜି ବିଜେଡି କର୍ମୀଙ୍କ ସହ ଉଲ୍ଲାସରେ ଆତସବାଜି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସନତ ପଟ୍ଟନାୟକ, ସିମାଞ୍ଚଳ ସାହା, ସୁରେନ୍ଦ୍ର ସ୍ୱାଇଁ, ବିଶ୍ୱମିତ୍ରା ସାହୁ, ବିନୋଦ ନାଗଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।



## ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ




**ସମ୍ବଲପୁର, ୧୨।୪ (ସମିସ):** ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲରପଙ୍କ ତରଫରୁ ଆଜି ଝଙ୍କରପଡ଼ା ଠାରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ସାହୁଙ୍କ ତତ୍ତ୍ୱବଧାନରେ ଆୟୋଜନ କରାଯାଇ ଥିବା ବେଳେ ମୁଖ୍ୟ ଅତିଥି ଭାବରେ ସୁପରିଟେଣ୍ଡେଣ୍ଟ ହୀରାକୁଦ ଡାକ୍ତର ଅନମୋଲ ମିଂଜ ଯୋଗଦେଇଥିଲେ। ଗର୍ଭବତୀ, ପ୍ରସୂତି, ସନ୍ତାନ ଜନ୍ମ କ୍ଷମ ଦମ୍ପତି ମା ମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି କିଭଳି ଯତ୍ନବାନ ହେବେ ସେହି ବାର୍ତ୍ତା ଦେଇଥିଲେ। ପ୍ରତ୍ୟେକ ମାଙ୍କ ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ, ସୁଦିପତ ନାୟକ, ଦୀପାଞ୍ଜଳି ନାୟକ, ରିତାଞ୍ଜଳୀ ନାୟକ, ରାଜେଶ୍ୱରୀ ଛତ୍ରିଆ, ସୁଜାତା ମାଝୀ, ସବିତା ଖରସେଲ, ଅନୁପମା ବେହେରା, ଭୁବନେଶ୍ୱରୀ ବେହେରା ଯୋଗଦେଇଥିଲେ। ଝଙ୍କରପଡ଼ା ମହିଳା ଆରୋଗ୍ୟ ସମିତିର ସଭ୍ୟାମାନେ ସହଯୋଗ କରିଥିଲେ।

## ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୨।୪(ସମିସ):** ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷା ସକାଶେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମ୍ବଲପୁରୀ ଭାଷାରେ ତୁରନ୍ତ ପ୍ରାଇମର ପୁନଃ ପ୍ରସ୍ତୁତ କରାଯିବା ସହ ବିଭିନ୍ନ କାର୍ଯ୍ୟ ଯୋଜନା ପ୍ରଣୟନ କରାଯାଇଛି। ବିଭିନ୍ନ ସହର ଓ ଗ୍ରାମ ଗସ୍ତ କରି ସଭା ଗୁଡ଼ିକର ଆୟୋଜନ କରାଯିବାରେ




ସଫଳତା ମିଳୁଥିବାରୁ ଏହାକୁ ଜାରି ରଖାଯିବା ସହିତ ଅଧିକ ସଂଖ୍ୟାରେ ଏଭଳି ବୈଠକ ଆୟୋଜନ ପାଇଁ ମତ ପ୍ରକାଶ ପାଇଛି। ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅର୍ଜୁନ ରଞ୍ଜନ ପଣ୍ଡା, ଅରବିନ୍ଦ ମହାପାତ୍ର ଓ ସମ୍ପାଦକ ରାଜେଶ ବେହେରା ମଞ୍ଚାସୀନ ଥିଲେ। ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷାକୁ ନେଇ ଗତ ଦିନରେ କରାଯାଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହିତ ଆଗାମୀ କାର୍ଯ୍ୟ ଯୋଜନା ବାବଦରେ ଉପସ୍ଥିତ ସଦସ୍ୟମାନଙ୍କର ମତାମତ ଲୋଡା ଯାଇଥିଲା। ମଞ୍ଚାସୀନ ବରିଷ୍ଠ ସଦସ୍ୟଙ୍କ ସହ ସର୍ବଶ୍ରୀ ପ୍ରଫୁଲ୍ଲ ହୋତା, ପ୍ରଶାନ୍ତ ପାଟଯୋଶୀ, ଶିବ ପ୍ରସାଦ ମେହେର, ପରେଶ୍ ଚନ୍ଦ୍ର ଦାନୀ, ଦୀପକ କୁମାର ପଣ୍ଡା, କମଳ ଲୋଚନ ପଣ୍ଡା, ଲଳିତ ବେବର୍ତ୍ତା, ଦିଲୀପ ବଘାର, ତାପସ କୁମାର ଦାଶ, ନରେନ୍ଦ୍ର ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ବେହେରା ଓ ଅନ୍ୟମାନେ ଦେଇଥିବା ପ୍ରସ୍ତାବ ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା, ଚତୁର୍ଥ ଓ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ ପଦରେ ସ୍ଥାନୀୟ ନିଯୁକ୍ତି, ସମ୍ବଲପୁରୀ ସାହିତ୍ୟ ଏକାଡେମୀ ଓ ସମ୍ବଲପୁରୀ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସମେତ ବିଭିନ୍ନ ଦାବି ବୈଠକରେ ପ୍ରକାଶ ପାଇଥିଲା। ହୀରାଅଖିଳ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ଘଣ୍ଟେଶ୍ୱରୀଙ୍କ ଛତର ଯାତ୍ରା ଆରମ୍ଭ

**ସମ୍ବଲପୁର, ୧୨।୪(ସମିସ):** ସମ୍ବଲପୁର ଜିଲ୍ଲା ଚିପିଲିମା ବଗବିରାରେ ଅବସ୍ଥିତ ପ୍ରସିଦ୍ଧ ଦେବୀ ପୀଠ ମାଁ ଘଣ୍ଟେଶ୍ୱରୀଙ୍କ ଛତର ଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ନୃପରାଜ ନାୟକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଛତର ସହିତ ବାବା ବିଶ୍ୱନାଥଙ୍କ ଥାଳ ନେଇ ମନ୍ଦିର ପରିସରରୁ ବାହାର କରାଯାଇଥିଲା। ପ୍ରତି ବର୍ଷ ମାଁ ମନ୍ଦିର ବେଢ଼ାରୁ ବାହାରି ନଗର ଭ୍ରମଣ କରି ଭକ୍ତଙ୍କୁ ଦର୍ଶନ ଦେଇ ଆଶୀର୍ବାଦ ପ୍ରଦାନ କରିଥାନ୍ତି। ଏହି ଦିନକୁ ଭକ୍ତମାନେ ଅତି ଶ୍ରଦ୍ଧାରେ ସହିତ ଅପେକ୍ଷା କରିଥାନ୍ତି। ପ୍ରଥମେ ମନ୍ଦିର ପରିସର ଥିବା ଦୋକାନୀ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ମାଁଙ୍କ ଛତରକୁ ପ୍ରଥମ ରାତ୍ରିରେ ତାଳ ପଦର ଗ୍ରାମରେ ରହଣି କରି ଗୋଶାଳା ଅଞ୍ଚଳକୁ ନିଆଯିବ। ମାଁ ଙ୍କ ଆଜ୍ଞା ନ ଥିବାରୁ ଚଳିତ ବର୍ଷ ଛତରକୁ ବୁର୍ଲା ଅଞ୍ଚଳକୁ ନିଆଯିବ ନାହଁ ବୋଲି ମନ୍ଦିର ପୂଜକ ଗୋପୀନାଥ ନାୟକ କହିଛନ୍ତି। ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିନ ମାଁଙ୍କ ବାର୍ଷିକ ପର୍ବ ଚଇତି ପର୍ବ ଅନୁଷ୍ଠିତ ହେବ।



## ରେସିଂ ସିଜିନ-୭ରେ ଭିସୁଟ୍‌ର ଟିମ୍ ବୀର୍ ରେସିଂକୁ ସଫଳତା

**ବୁର୍ଲା, ୧୨।୪(ସମିସ):** ପୁଣେସ୍ଥିତ ନୂତନ ମହାରାଷ୍ଟ୍ର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଅନୁଷ୍ଠିତ ଆରାବଲ୍ଲୀ ଟେରେନ୍ ଭେଇକିଲ୍ କମ୍ପିଟିସନ୍ ଇଣ୍ଡିଆ (ଏଟିଭିସି ଇଣ୍ଡିଆ) ନ୍ୟାସନାଲ ରେସିଂ ସିଜିନ-୭ରେ ଭିସୁଟର ଟିମ୍ ବୀର୍ ରେସିଂକୁ ସଫଳତା ମିଳିଛି। ମେଗା ମାର୍କେଟିଂ ରାଉଣ୍ଡରେ ଜାତୀୟସ୍ତରରେ ଦ୍ୱିତୀୟ ରାଙ୍କ ମିଳିଥିବାବେଳେ ବ୍ୟବସାୟ ଉପସ୍ଥାପନାରେ ୪ନମ୍ବର ରାଙ୍କ ମିଳିଛି। ସେହିପରି କଷ୍ଟ ପ୍ରେଜେଣ୍ଟେସନରେ ୬ନମ୍ବର ରାଙ୍କ, ଡିଜାଇନ ରିପୋର୍ଟରେ ୭ ନମ୍ବର ରାଙ୍କ ଓ ସାମଗ୍ରିକ ଭାବରେ ୮ନମ୍ବର ରାଙ୍କ ମିଳିଛି। ୨୦ମାର୍ଚ୍ଚରୁ ୨୪ମାର୍ଚ୍ଚ ଯାଏଁ ଧରି ଏହି ପ୍ରତିଯୋଗିତା ଚାଲିଥିଲା। ୫ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ମୋଟ୍ ୫୩ଟି ଦଳ ଅଂଶଗ୍ରହଣ କରିଥିଲେ। ଭିସୁଟ୍ ପକ୍ଷରୁ ଅଧ୍ୟାପକ ପରାମର୍ଶଦାତା ସୁନୀତା ସିଂ ନାୟକଙ୍କ ତତ୍ତ୍ୱାବଧାନରେ ଟିମ୍ ବୀରସ୍ ରେସିଂ ପ୍ରଥମଥର ପାଇଁ ଏଟିଭିସିରେ ଅଂଶଗ୍ରହଣ କରିଥିଲା। କ୍ୟାପଟେନ୍ ଦିଲୁ ନାହାକ ଓ ଉପଅଧିନାୟକ ଆଶିଷ ସାମଲଙ୍କ ନେତୃତ୍ୱରେ ୨୫ଜଣିଆ ଦଳ ପ୍ରତିଯୋଗିତାର ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର, ୧୨।୪(ସମିସ):** ସମ୍ବଲପୁର ରେଳ ଷ୍ଟେସନରୁ ଆଜି ପୁଣି ଗଞ୍ଜେଇ ଜବତ ହୋଇଛି। ଆର୍‌ପିଏଫ୍ ପକ୍ଷରୁ ସମ୍ବଲପୁର ରେଲଷ୍ଟେସନ ପ୍ଲାଟଫର୍ମ ନମ୍ବର-୨ରେ ପାଟ୍ରୋଲିଂ କରୁଥିବା ବେଳେ ୪ କେଜି ୯୦୦ ଗ୍ରାମ ଗଞ୍ଜେଇକୁ ଜବତ ହୋଇଛି। ଏଥିସହ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଜିଆର୍‌ପିକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ରାଜ୍ୟର ୨୧ ବର୍ଷିୟ ଗୋବିନ୍ଦ ଚାଦର ଓ ବିହାର ରାଜ୍ୟର ୨୪ ବର୍ଷିୟ ବିକାଶ କୁମାର ଟଟେ। ଏନେଇ ଜିଆର୍‌ପି ଥାନା ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।



## ସମ୍ବଲପୁର ବୈଦିକରେ କ୍ରିକେଟର ଦେଭ ୱାଟମୋର

# ଉଜ୍ଜ୍ୱଳ ପ୍ରତିଭାବାନ୍ ଖେଳାଳିଙ୍କ ପାଇଁ ପ୍ଲାଟ୍‌ଫର୍ମ: ଆନନ୍ଦ

**ସମ୍ବଲପୁର, ୧୨।୪(ସମିସ):** ଶାସନ ପାବପାଲି ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ଥିବା ରୋହିତ ଶର୍ମାଙ୍କ କ୍ରିକ୍‌କିଙ୍ଗଡମ୍ କ୍ରିକେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମ୍‌ରେ ବହୁପ୍ରତୀକ୍ଷିତ କ୍ରିକେଟ୍ ଶିବିର ଆରମ୍ଭ ହୋଇଯାଇଛି। ତିନିଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି କ୍ରିକେଟ ଶିବିରରେ ଅଷ୍ଟ୍ରେଲିଆ କ୍ରିକେଟ ଟିମର ପୂର୍ବତନ କ୍ରିକେଟର ତଥା ଶ୍ରୀଲଙ୍କା ବିଶ୍ୱକପ ବିଜେତା ଦଳର ମୁଖ୍ୟ କୋଚ ଦେଭ ୱାଟମୋର ପ୍ରଶିକ୍ଷଣ ଦେବା ପାଇଁ ସମ୍ବଲପୁର ଆସିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ପ୍ରଥମଦିନର ଶିବିର ଅତି ଆଡମ୍ବରର ସହ ଆରମ୍ଭ ହୋଇଛି। ଏହି କ୍ରିକେଟ ଶିବିରରେ ସମ୍ବଲପୁର ତଥା ସମଗ୍ର ପଶ୍ଚିମ ଓଡ଼ିଶାରୁ ୭୦ରୁ ଊର୍ଦ୍ଧ କ୍ରିକେଟ ଖେଳାଳି ଓ ଛାତ୍ରଛାତ୍ରୀ ପଞ୍ଜିକରଣ କରିଛନ୍ତି। ଏହି କ୍ରିକେଟ୍ ଶିବିର ସମଗ୍ର ପଶ୍ଚିମ ଓଡ଼ିଶାର କ୍ରିକେଟ୍ ସମ୍ବନ୍ଧୀୟ ଶିକ୍ଷାର ମାନ ବୃଦ୍ଧି କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଉଜ୍ଜଳ ପ୍ରତିଭାବାନ୍ ଖେଳାଳି ମାନଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ପାରିବ ବୋଲି ବୈଦିକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ କହିଛନ୍ତି।






## ଭିସୁଟ୍‌ରେ ରସାୟନ-୨୦୨୪

**ବୁର୍ଲା, ୧୨।୪(ସମିସ):** ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ଆନୁକୂଲ୍ୟରେ ଏକ ଦିନିକିଆ ଆଲୋଚନା ଚକ୍ର ଓ ବିଭାଗର ବାର୍ଷିକ ଉତ୍ସବ(ରସାୟନ ୨୦୨୪) ପାଳନ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ କୁଳପତି ପ୍ରଫେସର ବଂଶୀଧର ମାଝୀ ଉଦ୍‌ଘାଟନ କରି ରସାୟନ ଓ ପ୍ରଯୁକ୍ତିବିଦ୍ୟାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ରାଜ୍ୟର ଦୁଇ ଜଣ ବୈଜ୍ଞାନିକ ଡକ୍ଟର ଚିତ୍ତ ରଞ୍ଜନ ମିଶ୍ର ଓ ଡକ୍ଟର ବିକାଶ କୁମାର ଜେନା ଆମନ୍ତ୍ରିତ ବକ୍ତା ଭାବେ ଯୋଗଦେଇଥିଲେ। ଡ. ମିଶ୍ର ଆଜିର ବିକାଶ ଓ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧରେ ବିଶ୍ଲେଷଣ କରିଥିବା ବେଳେ ଡ. ଜେନା ଭବିଷ୍ୟତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ନାନୋ ବିଜ୍ଞାନର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ରସାୟନ ବିଜ୍ଞାନର ମୁଖ୍ୟ ଡ. ତ୍ରିନାଥ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲ ମୁଖ୍ୟ ଡ. ଜୟପ୍ରକାଶ ପଣ୍ଡା ଉଦବୋଧନ ଦେଇଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରଫେସରମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବ୍ଲକସ୍ତରୀୟ ସମୀକ୍ଷା ବୈଠକ

# ପିଲାଙ୍କୁ ପୁଣି ସ୍କୁଲ ଆଣିବାକୁ ପ୍ରୟାସ କରାଯିବ

**ସମ୍ବଲପୁର, ୧୨।୪(ସମିସ)**

ସରକାରୀ ଉଚ୍ଚବିଦ୍ୟାଳୟ ଶାସନଠାରେ ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସପ୍ତମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସେବଶ୍ରୀ ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଯୋଜନା ବିଭାଗର ସହକାରୀ ନିର୍ଦ୍ଦେଶକ ଦୀପକ ରାୟ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନର ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବିଦ୍ୟାଳୟସ୍ତରରେ ମାଗଣା ପୁସ୍ତକ ବେଙ୍କ୍ ପ୍ରତିଷ୍ଠା ଓ ସେହି ପୁସ୍ତକଗୁଡ଼ିକର ଛାତ୍ରଛାତ୍ରୀଙ୍କ ପାଇଁ ସହଜ ଉପଲବ୍ଧତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାପରେ ନୃସିଂହ ଗୁରୁ ଟାଉନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଲ୍ଲଭ ମେହେର ଷଷ୍ଠ ବୈଠକର ଉପଲବ୍ଧି, ଗୃହୀତ ପ୍ରସ୍ତାବଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ ବିଦ୍ୟାଳୟସ୍ତରରେ ଗଠିତ ବିଭିନ୍ନ କ୍ଲବ୍ ଓ ହାଉସଗୁଡ଼ିକର ସଠିକ୍ ପରିଚାଳନା ଉପରେ ଆଲୋଚନା କରିଥିଲେ। ଏମ୍‌ଆଇଏସ୍ କୋଅର୍ଡିନେଟର୍ ସୁନନ୍ଦା ବେହେରା ଆଲୋଚନାରେ ଅଂଶଗ୍ରହଣ କରି ନିର୍ଭୁଲ ୟୁଡାଇସ୍ ଏଣ୍ଟ୍ରି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହୀରାକୁଦର ପ୍ରଧାନଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର ୫ଟି ବିଦ୍ୟାଳୟମାନଙ୍କରେ ଆସବାବପତ୍ର ରକ୍ଷଣାବେକ୍ଷଣ ଉପରେ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ମୂରଲୀଧର ବେହେରା ଓ ଜୟଶ୍ରୀ ଦୋରା ବିଦ୍ୟାଳୟ ବିମୁଖ ଛାତ୍ରଛାତ୍ରୀଙ୍କୁ ପୁନର୍ବାର କିପରି ଭାବରେ ବିଦ୍ୟାଳୟ ଅଭିମୁଖୀ କରାଯାଇପାରିବ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମହାସଭାରେ ମୁଖ୍ୟ ସଂଯୋଜକ ଉଜ୍ଜ୍ୱଳ ମହାକୁର ବିବରଣୀ ପାଠ କରିଥିବାବେଳେ ମଞ୍ଚକୁ ସଂଯୋଜକ ହରିଶଙ୍କର ଭୋଇ ପରିଚାଳନ କରିଥିଲେ। ଯୁଯୋମୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ନିତ୍ୟାନନ୍ଦ ବାଗ, ସୌଦାଗର ହାତୀ, ବୁଧୁରାମ ଦିପ, ସଞ୍ଜିବ ଷଣ୍ଢ, ଦିଲିପ ଭୋଇ, କିଶୋର ବନଛୋର, ସରୋଜ କାଣ୍ଡ, ସୁନିଲ ବେହେରା, ଦେବରାଜ ଭୋଇ, ଶ୍ୟାମସୁନ୍ଦର ନାଗ ଓ ଶ୍ୟାମସୁନ୍ଦର ଧରଙ୍କ ସହିତ ହଜାର ହଜାର କ୍ଷୀର ମଗ୍ଧାଗଉଡ଼ ସମାଜର ପରୁଷ ଓ ମହିଳା ଉପସ୍ଥିତ ଥିଲେ। ଶେଷରେ କୃଷ୍ଣଚନ୍ଦ୍ର ଭୋଇ ସମସ୍ତ ଯାଦବ ପରିବାରଙ୍କୁ ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ। ସସ୍ମିତା ପାଟଯୋଶୀ, ସଂଯୁକ୍ତା ସାହୁ, ବିଆର୍‌ସିସି ରମେଶ ଚନ୍ଦ୍ର ମିଶ୍ର, ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିନ୍ନି ବାଡ଼ା, ସରକାରୀ ଉଚ୍ଚ ବିଦ୍ୟାଳୟ, ବୁର୍ଲାର ପ୍ରଧାନଶିକ୍ଷକ କରଣ ଶର୍ମା, ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହା, ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହିରାକୁଦର ପ୍ରଧାନ ଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପୁରୁଷୋତ୍ତମ ପ୍ରହରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ପରିଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନର ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଅଦୃଶ୍ୟ ନାଟ୍ୟ ଆଶ୍ରମର ସଫଳତା



**ସମ୍ବଲପୁର, ୧୨।୪ (ସମିସ):** ଓଡ଼ିଶାର ସୁନାମଧନ୍ୟ ସାଂସ୍କୃତିକ ଅନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ଏକ ଉଲ୍ଲେଖନୀୟ ସଫଳତା ପାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ସଞ୍ଚାର ବିଭାଗ ଭୁବନଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଚୟନ ପରୀକ୍ଷାରେ ଯୋଗଦେଇ କୃତକାର୍ଯ୍ୟ ହେବା ସହ ଆଗାମୀ ତିନିବର୍ଷ ପାଇଁ ମନ୍ତ୍ରଣାଳୟ ସହିତ ପଞ୍ଜିକୃତ ହୋଇଛି। ନିକଟରେ ଗୁରୁ କେଲୁଚନ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଭୁବନଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ଚୟନ ପରୀକ୍ଷାରେ ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ ଅତୀଶ କୁମାର ଶତପଥିଙ୍କ ନେତୃତ୍ୱରେ ଏକ ୧୨ଜଣିଆ ଦଳ ସର୍ବଶ୍ରୀ ପ୍ଲାବନ ମିଶ୍ର, ନରେନ୍ଦ୍ର ବେହେରା, ଶୁଭମ ମେହେର, ରାହୁଲ ଗୁପ୍ତା, ପଙ୍କଜିନି ମେହେର, ସୁମିତ୍ରା ମହାକୁର, ସଂକେତ ପୁରୋହିତ, ଘନଶ୍ୟାମ ମେହେର, ଆଦିତ୍ୟ ସାହା, ହେମସାଗର ମହାନନ୍ଦ, କାର୍ତ୍ତିକ ମେହେର ଯୋଗଦେଇ ଏହି ସଫଳତା ହାସଲ କରିଥିଲେ। ପ୍ରକାଶଥାଉ କି, ଅଦୃଶ୍ୟ ନାଟ୍ୟ ଆଶ୍ରମ ଏକମୁଖି ରଙ୍ଗମଞ୍ଚରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ନାଟକ ଗୁଡିକ ପରିବେଷଣ କରି ଦର୍ଶକଙ୍କ ଆଦୃତି ପାଇଆସୁଛି।

# ବିଜେଡିରେ ମିଶିଲେ ବିଭିନ୍ନ ଦଳର କର୍ମୀ

**ବରଗଡ଼, ୧୨।୪(ସମିସ)**

ବିଜୁ ଜନତା ଦଳ ଆନୁକୂଲ୍ୟରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ପ୍ୟାଲେସ ଠାରେ ଆୟୋଜିତ ସାଂଗଠନିକ କାର୍ଯ୍ୟକ୍ରମରେ ବରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସର୍ଯ୍ୟାଁ, ଦେଓଗାଁ କଟାପାଲି, ଧାଙ୍ଗେର ଆଦି ବିଭିନ୍ନ ପଞ୍ଚାୟତର ବିଭିନ୍ନ ଦଳର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ବିଜେଡିରେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଅଶ୍ୱିନୀ ବାଗ, ଗୋବିନ୍ଦ ଛତର, ପିଙ୍କୁ ଚାନ୍ଦ, ଦିଲ୍ଲୀପ ଭୋସାଗର, ବିଶ୍ୱ ଭୋଇ, ଜୟନ୍ତ ସ୍ୱାଇଁ, କରୁଣାକର ବିଶି, ଖିରୋଦ୍ର ଭୋଇ, ବାଙ୍କ ସ୍ୱାଇଁ, ଆରତ ଭୋଇ, ପ୍ରେମାନନ୍ଦ ସ୍ୱାଇଁ, ଗୁଣ ମହାକୁର, ଭୂତୁଲୁ ସୁନା, ସାଧୁ ବେହେରା, ମହିତ ମେହେର, କୃପା ପ୍ରଧାନ, ବଳରାମ ମେହେର, ଶୁକ୍ରୁ ମେହେର, ପ୍ରଫୁଲ୍ଲ ମେହେର, ମନମୋହନ ଦାସ, ବଳଦେବ ଦାସ, ଜିତେନ୍ଦ୍ର ପାଇକ, ଆଲୋକ ଦାସ, ମୋହନ ଦାସ, ଆଜାଦ ତ୍ରିପାଠୀ, ଅଶୋକ ନାଗ ଆନନ୍ଦ ସୁନା, ସାମୁଏଲ୍ ସୁନା, ବୁଦ୍ଧଦେବ ନାଗ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି, କଂଗ୍ରେସ ଓ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର ସମସ୍ତ ନବାଗତ କର୍ମୀଙ୍କୁ ବିଜେଡି ତରଫରୁ ସ୍ୱାଗତ କରିଥିଲେ।



## ବିଗ୍ରହ ସ୍ଥାପନ ସହ ସୀତାରାମ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

**ଅମ୍ବାଭୋନା, ୧୨।୪(ସମିସ):** ଗତ ୫ ଦିନ ଧରି ଅମ୍ବାଭୋନା ବ୍ଲକର ଝାରପାଲି ଗ୍ରାମରେ ଚାଲିଥିବା ସୀତାରାମ ମନ୍ଦିରର ବିଗ୍ରହ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ ହୋଇଛି। ଏହି ମନ୍ଦିରଟିକୁ ୧୯୯୭ ମସିହାରୁ ଆରମ୍ଭ କରାଯାଇଥିଲା। ଦୀର୍ଘ ୨୬ ବର୍ଷ ପରେ ଝାରପାଲି ଗ୍ରାମବାସୀଙ୍କ ସ୍ୱପ୍ନ ସାକାର ହୋଇଛି। ଏହି ମନ୍ଦିରର ଉଚ୍ଚତା ୫୩ଫୁଟ ଥିବା ବେଳେ ଲମ୍ବ ୩୦ଫୁଟ ରହିଛି। ରାଜମିସ୍ତ୍ରୀ ବିନୋଦଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ଶିଳ୍ପୀ ଜୀବନଲାଲ ସିଦାର ଶ୍ରୀରାମ ବୃତ୍ତାନ୍ତକୁ ମନ୍ଦିରରେ ମୂର୍ତ୍ତି ମାଧ୍ୟମରେ ସ୍ଥାନିତ କରିଛନ୍ତି। ମୁଖ୍ୟ ପୁରୋହିତ ଗଙ୍ଗାରାମ ଦାଶଙ୍କ ସହ ଅଶୋକ ଦାଶ, ଅଶୋକ ମହାପାତ୍ର, ଆଶିଷ ମିଶ୍ର, ଦୋଳଗୋବିନ୍ଦ ରଥ, ଦିଲ୍ଲିପ ଦାଶ, ପ୍ରଫୁଲ୍ଲ ଶତପଥୀ, ସତ୍ୟନାରାୟଣ ଦାଶ ଓ ଗୌରହରି ପଣ୍ଡା ସହଯୋଗୀ ପଣ୍ଡିତ ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସଞ୍ଚାର, ରାମଲୀଳା, ସଂକୀର୍ତ୍ତନ, ନାଟକ, ଢଲିଆଖୁସା, ସୁରୁଜମୁଖୀ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାଦବ ପଧାନ, ଚପଳା ପଧାନ, ଦିପ୍ତିକାନ୍ତ ଭୋଇ, ଡୋଲେଶ୍ୱରୀ ଭୋଇ, ଅଜୟ ସାହୁ, ପଦ୍ମିନି ସାହୁ, ସତ୍ୟଜିତ ସାହୁ ଓ ରେଣୁକା ସାହୁ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।



## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ଆଲୋଚନା

**ଝୁଝୁମୁରା, ୧୨।୪(ସମିସ):** ଝୁଝୁମୁରା ବ୍ଲକ ଅନ୍ତର୍ଗତ ଗଡ଼ଲୋଇସିଂହ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବ୍ଲକ ସ୍ତରୀୟ ସପ୍ତମ ମାସିକ ପ୍ରଧାନ ଶିକ୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୌସୁମୀ ଟାଣ୍ଡି ଗତମାସର ଆଲୋଚିତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ବେହେରା ଓ ମାନଭଞ୍ଜନ ପ୍ରଧାନ, ବଡସାହି ଉଚ୍ଚ ବିଦ୍ୟାଳୟ ଯୁଗୋଳ କିଶୋର ନାୟକ, ଜୟନ୍ତପୁର ହାଇସ୍କୁଲର ବିନାୟକ ମହାପାତ୍ର, ଝାଙ୍କରପାଲି ହାଇସ୍କୁଲର ବିଭୂତି ଭୂଷଣ ଚାନ୍ଦ, ଗିରିପାଲି ହାଇସ୍କୁଲର ମନୋରଞ୍ଜନ କୁମ୍ଭାରଙ୍କ ସହ ଅନ୍ୟାନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ଚକ୍ରରେ ଡ୍ରପଆଉଟ ସମସ୍ୟା, କ୍ଲବ ଆକ୍ଟିଭିଟି, ହାଉସ ଆକ୍ଟିଭିଟି, ଗ୍ରୀଷ୍ମ ଛୁଟିରେ ଅନଲାଇନ ପାଠ ପଢ଼ା, ମୋ ସ୍କୁଲ ଅଭିଯାନରେ ପ୍ରଥମ ଓ ଦ୍ୱିତୀୟ ଅଡିଟ, ୟୁସି ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଡକ୍ଟର ବାଗ ଧନ୍ୟବାଦ ଅର୍ପଣ କରି ସଭାକୁ ସମାପ୍ତ କରିଥିଲେ।



## ସ୍ନେହାଙ୍ଗିନୀ ଛୁରିଆଙ୍କ ନିର୍ବାଚନୀ ପ୍ରଚାର

**ଥୁଆପାଲି/ଭେଡେନ, ୧୨।୪(ସମିସ):** ଅତାବିରା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଶୁକ୍ରବାର ଏକ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏକ ଶୋଭାଯାତ୍ରା ମାଁ ମେଟାକାନି ମନ୍ଦିର ରୁପାପାଲି ଠାରୁ ଆରମ୍ଭ ହୋଇ ଥୁଆପାଲି, ଝରାପାଲି ମାର୍କେଟ ଦେଇ ଝରାପାଲି ଗ୍ରାମର କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ସଂଯୋଜନା କରିଥିଲେ ଭେଡେନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ। ଭେଡେନ ବ୍ଲକ ବିଜୁ ଜନତା ଦଳର ସଭାପତି ହରିଶଂକର ବେହେରା, ସମ୍ବଲପୁର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ସଂକ୍ରିଡା ପେକ୍ସର ସଭାପତି ସୁବ୍ରତ କୁମାର ଚାନ୍ଦ, ଆରଏମ୍‌ସି ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ହୋତା, ଭେଡେନ ବ୍ଲକ ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ସଂକ୍ରିଡା ସରପଞ୍ଚ ଜୟନ୍ତୀ ସେଠ, ସମିତି ସଭ୍ୟ ଚାଷୀଗିରି ନଇ, ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସାନିପାନୀ ରାମକୃଷ୍ଣ ଓ ସଂକ୍ରିଡା ପଞ୍ଚାୟତର ବହୁ ବିଜେଡି କର୍ମୀ ଯୋଗଦାନ କରିଥିଲେ। ଏହି ସଭାରେ ଭେଡେନ ବ୍ଲକ ବିଜୁ ଜନତାଦଳର ସଭାପତି ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା ଓ ସ୍ଥାନୀୟ ଅଞ୍ଚଳରେ ବିଧାୟିକାଙ୍କ ଦ୍ୱାରା ହୋଇଥିବା ବିକାଶର ବର୍ଣ୍ଣନା କରିଥିଲେ। ସୁବାଷ ଚନ୍ଦ୍ର ହୋତା ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଜୁଳି ସମସ୍ୟା ଯୋଗୁଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଜମନକିରା, ୧୨।୪(ସମିସ):** ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସିଦ୍ଧାର୍ଥ ବେହେରା ଯୋଗଦେବା ପରଠୁ ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁଁ ଦିନକୁ ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ଗ୍ରାମାଞ୍ଚଳ ହୋଇଥିବାରୁ ଏଠାରେ ଦିନର ଅନେକ ସମୟରେ ବିଦ୍ୟୁତ୍ ସରୋବରାହ ବନ୍ଦ ରହୁଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ବେହେରାଙ୍କ କହିବାନୁସାରେ ମାର୍ଚ୍ଚ ମାସରୁ ତାତି ବଢ଼ିଗଲାଣି। ମୁଖ୍ୟତଃ ରାତିରେ ଭର୍ତ୍ତି ହୋଇଥିବା ଗର୍ଭବତୀ, ପ୍ରସୂତି ମାଁ ତଥା ଅନ୍ୟାନ୍ୟ ରୋଗୀମାନେ ବିଜୁଳି ସମସ୍ୟା ଯୋଗୁ ବଡ଼ କଷ୍ଟ ପାଉଛନ୍ତି। ପ୍ରାୟ ତିନିବର୍ଷ ହେବ ସୋଲାର ସିଷ୍ଟମ ଦ୍ୱାରା ବିଦ୍ୟୁତ ଯୋଗାଣ ହେଉଥିଲା। ମାତ୍ର କିଛିଦିନ ହେଲା ସୋଲାର ସିଷ୍ଟମ ଖରାପ୍ ହୋଇପଡ଼ିଛି। ଡାକ୍ତର ବେହେରା ସମ୍ପୃକ୍ତ ସୋଲାର କମ୍ପାନୀକୁ ଫୋନ କଲାପରେ ମଧ୍ୟ ସେ କର୍ଣ୍ଣପାତ କରୁନାହାଁନ୍ତି। ତେଣୁ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ବାସନ୍ତିକ ନବରାତ୍ର ପୂଜା ଅବସରରେ ମାଁଙ୍କ କୁଷ୍ମାଣ ରୂପରେ ପୂଜାର୍ଚ୍ଚନା

## ଝାରବନ୍ଧ ମାଧ୍ୟମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା

**ପଦ୍ମପୁର ୧୨।୪ (ସମିସ):** ଝାରବନ୍ଧ ବ୍ଲକ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ୨୦୨୩ ଶିକ୍ଷା ବର୍ଷରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, କର୍ମଚାରୀଙ୍କୁ ବଡ଼ଅନକୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଶିକ୍ଷାବିତ ଭୁବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିହାରୀ ନାଏକ, ଏବିଇଓ ଜୟକୁମାର ସାହୁ, ଦୟାନିଧି କୈବର୍ତ୍ତ, ବିଶିକେଶନ ସତପଥି ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଡଭା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକେଶ୍ୱର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଅବସର ନେଇଥିବା ଝାରବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ, ଅମଠିର ପ୍ରଧାନ ଶିକ୍ଷକ ନନ୍ଦଲାଲ ନାୟକ, ଗୌଡ଼ମାଳର ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ ମାଝୀ, ହିନ୍ଦି ଶିକ୍ଷକ ନିରଞ୍ଜନ ପ୍ରଧାନ, କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ରଲାଲ ସାହୁ, ଜଗଦଲପୁରର ସଂସ୍କୃତ ଶିକ୍ଷକ ପୂର୍ଣ୍ଣାନନ୍ଦ ଭୋଇ, କନ୍ଦାଡଙ୍ଗରର ଚତୁର୍ଥ ଶ୍ରେଣୀ କର୍ମଚାରୀ ରଘୁମଣୀ ବାଗକୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ରେଙ୍ଗାଲି ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ



**ରେଙ୍ଗାଲି, ୧୨।୪(ସମିସ):** ଶୁକ୍ରବାର ରେଙ୍ଗାଲି ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ମାନଙ୍କ ଏକ ବୈଠକ ଚୌଧୁରୀ ଗୋପକୁମାରୀ ଉଚ୍ଚ ବିଦ୍ୟାଳୟ ଝାଙ୍କରପାଲି ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରେଙ୍ଗାଲି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକସରୀ ମହେନ୍ଦ୍ର ବାଗ, ଡାଏଟ୍‌ର ବରିଷ୍ଠ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ, ରେଙ୍ଗାଲି ବ୍ଲକ ନୋଡାଲ ଅଧିକାରୀ ମନୋଜ କୁମାର ନାଏକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପଣ୍ଡା ସମସ୍ତ ଶିକ୍ଷା ଅଧିକାରୀ ତଥା ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଗ୍ରୀଷ୍ମ ଅବକାଶ ସମୟରେ ଶିକ୍ଷାଦାନକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଛାତ୍ର ଉପସ୍ଥାନ ବୃଦ୍ଧି କରିବା ସହ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀ ମାନଙ୍କୁ କିଭଳି ମୁଖ୍ୟ ଧାରାରେ ସାମିଲ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

## କୁସୁମୀରେ ରାମଲୀଳା, ରାମ ରାଜ୍ୟ ପ୍ରତିଷ୍ଠା

**କୁଚିଣ୍ଡା/ପଢ଼ିଆବାହାଲ, ୧୨।୪(ସମିସ):** ରାମ ରାଜ୍ୟ ପ୍ରତିଷ୍ଠାର ଆଜି ଶୁଭାରମ୍ଭ ହୋଇଛି। କୁଚିଣ୍ଡାର କୁସୁମୀଠାରେ ଶବରୀ ଭୂମିକାରେ ଅଙ୍ଗନୱାଡି କର୍ମୀ ସୁଲୋଚନା ଦାଶଙ୍କ ଅଭିନୟ ଦର୍ଶକ ମନରେ ଭାବ ବିହ୍ୱଳ ସୃଷ୍ଟି କରିଥିଲା। ଆଜିର ଉତ୍ସବରେ ସମ୍ବଲପୁରରେ ଆରମ୍ଭ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜ ଫଣିନ୍ଦ୍ର କୁମାର ପଣ୍ଡା, ଆକାଶବାଣୀ ଉଦଘୋଷକ ତଥା ବରିଷ୍ଠ କଳାକାର ସୂର୍ଯ୍ୟ ପାଣିଗ୍ରାହୀ, ସମ୍ବଲପୁରୀ ଧନୁଯାତ୍ରାର ନନ୍ଦରାଜା ଯୋଗେଶ କୁମାର ନନ୍ଦ, ସମାଜସେବୀ ଶ୍ରୀକାନ୍ତ ସାହୁ, ଅଶୋକ ଜୟପୁରୀଆ ରାଜ ଅତିଥି ଭାବେ ଯୋଗଦେଇଥିବା ବେଳେ ସମସ୍ତ ଅତିଥିମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବିଭୂତି କଲ୍ୟାଣ ପଟେଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଆଦିତ୍ୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ହନୁମାନ ଭେଟ, ବାଳିବଧ ଓ ଲଙ୍କାପୋଡ଼ି ହୋଇ ୧୨ରେ ସେତୁବନ୍ଧ ପ୍ରତିଷ୍ଠା ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୩ ତାରିଖରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ୍ ବଧ ପରେ ୧୪ରେ ତରଣୀସେନ ଓ ରାବଣ ବଧ ପରେ ରାମ ଅଭିଷେକ ହୋଇ ରାମରାଜ୍ୟ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ୮ ଦିନ ବ୍ୟାପୀ ଆୟୋଜନ ହେବାକୁ ଥିବା ଏହି ମହୋତ୍ସବରେ କଳା ସଂସ୍କୃତି ଓ ଆଧ୍ୟାତିକ ଚେତନା ସୃଷ୍ଟି କରୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ବିଭିନ୍ନ ଦିନରେ ଅତିଥି ଭାବେ ଯୋଗଦାନ କରୁଥିବାବେଳେ ଏହାକୁ କୁସୁମୀର କଳା ଓ କଳାକାର ସଂଘ ପରିଚାଳନା କରୁଛନ୍ତି। ଆଜି ଅନେକ ଦିନର ଅପେକ୍ଷାର ଅନ୍ତ ଘଟାଇ ଅନେକ ରାତିର ସ୍ୱପ୍ନ ଆଜି ସାକାର ହୋଇଛି। ଅଭିଶପ୍ତ ଜୀବନର ଅନ୍ତ ଘଟାଇ ପ୍ରଭୁଙ୍କ ଦର୍ଶନ ପାଇଁ ପାଗଳିନି ଶବରୀ ପ୍ରଭୁଙ୍କ ଦର୍ଶନ ପ୍ରାପ୍ତ କରିଛନ୍ତି। ଏହି ଶବରୀ ଭୂମିକାରେ ୫୭ବର୍ଷର ମହିଳା ଯିଏକି ଜଣେ ଅଙ୍ଗନୱାଡ଼ି କର୍ମୀ ସୁଲୋଚନା ଦାସଙ୍କ ଅଭିନୟ ଚିତ୍ତାକର୍ଷଣ ହୋଇଥିଲା। ତାଙ୍କ ଅଭିନୟର ପରାକାଷ୍ଠା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବେ ନାହିଁ। ଏହି ଅବସରରେ ବର୍ଷା ଠାକୁର, ବୈଷ୍ଣବୀ ପଟେଲ ଓ ଗୌରୀ ଠାକୁରଙ୍କୁ ସମ୍ମାନିତ କରାଯାଇଥିଲା।

## ରୋଟାରୀ ସ୍କୁଲ ଇନଟ୍ରାକ୍ଟ କ୍ଲବର ଶୈକ୍ଷିକ ଭ୍ରମଣ

**ବରଗଡ଼, ୧୨।୪(ସମିସ):** ବରଗଡ଼ ରୋଟାରୀ ସ୍କୁଲ ଇନଟ୍ରାକ୍ଟ କ୍ଲବ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ଶୈକ୍ଷିକ ଭ୍ରମଣ ଆୟୋଜିତ ହୋଇଥିଲା। ରୋଟାରୀ କ୍ଲବର ଉପସଭାପତି ଦଶରଥ ଅଗ୍ରୱାଲ, କ୍ଲବର ସେକ୍ରେଟାରୀ ରୋଟାରୀଆନ ରୁପମ ଦାଶ ଓ ଇନଟ୍ରାକ୍ଟ କ୍ଲବର ଚେୟାରମେନ ବୀରେନ୍ଦ୍ର ଶତପଥିଙ୍କ ମାର୍ଗଦର୍ଶନରେ ରୋଟାରୀ ପବ୍ଲିକ ସ୍କୁଲର ଇନ୍‌ଟ୍ରାକ୍ଟ କ୍ଲବର ସଭାପତି ଅର୍ଚ୍ଚନା ମୁଣ୍ଡରୁଲିଆ, ସେକ୍ରେଟାରୀ ତଲତ ଫତିମା ଓ ଉକ୍ତ କ୍ଲବର ସଦସ୍ୟ ବୃନ୍ଦ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ଏକ ଶୈକ୍ଷୟିକ ଭ୍ରମଣରେ ଯାଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ କିଛି ସମୟ କଟାଇଥିଲେ। ଏହି ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ଇନ୍‌ଟ୍ରାକ୍ଟ କ୍ଲବର ସଦସ୍ୟବୃନ୍ଦ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିନବ ପାଠ୍ୟଶୈଳୀ ଦ୍ୱାରା ଶିକ୍ଷାଗ୍ରହଣ ପ୍ରକ୍ରିୟାକୁ ଅତି ନିକଟରୁ ହୃଦୟଙ୍ଗମ କରିଥିଲେ। ଗୋବିନ୍ଦ ଦାଶ, ଜୟ ପ୍ରକାଶ ଲାଠ, ଅମିତ ସାହୁ, ଦିବ୍ୟରାଜ ମେହେର, ଗଙ୍ଗାସାଗର ପତି, ରୋହନ ରଥ, ଆନନ୍ଦ ଭୁଟାଦା, ସ୍ୱପ୍ନ କୁମାର ମିଶ୍ର, ଅଭିଷେକ ଶର୍ମା ଓ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ରୋଟାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



## ଡାକ୍ତରଗୋପବନ୍ଧୁଭୋଇଙ୍କପରଲୋକ

**ପାଇକମାଲ, ୧୨।୪ (ସମିସ) :** ବରଗଡ଼ ଜିଲ୍ଲାର ସୁନାମଧନ୍ୟ ଡାକ୍ତର ଗୋପବନ୍ଧୁ ଭୋଇ(୮୨)ଙ୍କ ପରଲୋକ ଘଟିଛି। ଝାରବନ୍ଧ ବ୍ଲକ ଟାପର ଗ୍ରାମର ଓ ପାଇକମାଳର ସ୍ୱର୍ଗତ ଭୋଇ ପ୍ରଥମେ ଛତିଶଗଡ଼ ରାଜ୍ୟରେ ସରକାରୀ ଡାକ୍ତର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ତାଳଚେର ଏଫସିଆଇରେ ଡାକ୍ତର ଭାବେ ଯୋଗ ଦେଇଥିଲେ। ଏଫସିଆଇ ବନ୍ଦ ହେବା ପରେ ଘରୋଇ ଭାବେ ଚିକିତ୍ସା କରୁଥିଲେ। ଭୁବନେଶ୍ୱର ଠାରେ ମଧ୍ୟ ସେ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଅଛନ୍ତି। ସ୍ୱର୍ଗତ ଭୋଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. କୃପାସିନ୍ଧୁ ଭୋଇଙ୍କ ଭାଇ ଓ ପୂର୍ବତନ ସାଂସଦ ସଞ୍ଜୟ ଭୋଇଙ୍କ କାକା ଅଟନ୍ତି। ତାଳଚେର ବାସଭବନରେ ଆଜି ତାଙ୍କ ଶେଷକୃତ୍ୟ ସମାପନ କରାଯାଇଥିବା ପରିବାର ଲୋକଙ୍କ ଠାରୁ ଜଣାପଡ଼ିଛି।



## ଦହିଗାଁରେ ପ୍ରଧାନଶିକ୍ଷକ ସମ୍ମିଳନୀ

**ଦହିତା, ୧୨।୪ (ସମିସ):** ରାଜବୋଡ଼ାସମ୍ବର ବ୍ଲକର ସମସ୍ତ ୫ଟି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କ ୭ମ ସମ୍ମିଳନୀ ଦହିଗାଁ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରାସାଦ ପାଣିଗ୍ରାହୀ, ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋଭାଦିନୀ ସାହୁ, ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ଖମାରୀ ଓ ଦହିଗାଁ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଳାମଣି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀ ଖମାରୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଭୋଇ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର କିପରି କମାଯାଇ ପାରିବ, ନୂତନ ଭାବରେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ବିଭିନ୍ନ କ୍ଲବରେ କରାଯାଉଥିବା କାର୍ଯ୍ୟାବଳୀକୁ ସକ୍ରିୟ ରଖିବା ତଥା ସ୍କିମ ଲେସନ ପ୍ଲାନ ଓ ସମଗ୍ର ବ୍ଲକରେ ଏକକ ରୋଟିନ ତିଆରି, ଛାତ୍ରଛାତ୍ରୀଙ୍କୁ ଦିଆ ଯାଉଥିବା ଗୃହକାର୍ଯ୍ୟର ବିବରଣୀ ଶ୍ରେଣୀ ଶିକ୍ଷକ ଲିପିବଦ୍ଧ କରିବା ସହ ପ୍ରଧାନ ଶିକ୍ଷକ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ। ବାୟୋ ମ୍ୟାଟ୍ରିକ୍ସ ଉପସ୍ଥାନ ସମ୍ପର୍କରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୀରମଗ୍ଧା ଗଉଡ଼ ସମାଜର ବ୍ଲକସ୍ତରୀୟ ମହାସଭା

**ଝୁଝୁମୁରା, ୧୨।୪(ସମିସ)**

ସମ୍ବଲପୁର ଜିଲ୍ଲା ଝୁଝୁମୁରା ବ୍ଲକ ହୀରୋ ମାଁ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କ୍ଷୀରମଗ୍ଧା ଗଉଡ଼ ସମାଜର ବ୍ଲକସ୍ତରୀୟ ମହାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରଲିଧର ଛତର ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କ୍ଷୀରମଗ୍ଧା ସମାଜର ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରିଥିଲେ। ସମାଜର ଯେଉଁମାନେ ସ୍ୱର୍ଗବାସୀ ହୋଇଛନ୍ତି ତାଙ୍କର ଅମରଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଧନକଉଡ଼ା ବ୍ଲକର ହରିଶଙ୍କର ଷଣ୍ଢ, ରେଙ୍ଗାଲି ବ୍ଲକରୁ ରାଜେନ୍ଦ୍ର ବନଛୋର, ମାନେଶ୍ୱର ବ୍ଲକରୁ ମନବୋଧ ଭୋଇ ବାମରା ବ୍ଲକରୁ ଫକିର ମୋହନ ନାଗ କୁଚିଣ୍ଡା ବ୍ଲକରୁ ଅନିରୁଦ୍ଧ ଭଇଁସା, ଝୁଯୋମୁରା ବ୍ଲକରୁ ଭକ୍ତ ମହାକୁଡ଼, ଜମନକିରା ବ୍ଲକରୁ ବିପିନ ବିହାରୀ କାଲସେ, ନାକଟିଦେଉଳ ବ୍ଲକରୁ ଦର୍ଷନୀ ଷଣ୍ଢ ଓ କ୍ଷେତ୍ରମୋହନ ନାଗ, ରେଢାଖୋଲ ବ୍ଲକରୁ ଅବଧୁତ ଅଦାବର, ସମ୍ବଲପୁର ମହାନଗରରୁ ଶ୍ରୀମାନ ହରିହର ଷଣ୍ଢ ଓ ଲୋକନାଥ ବରର୍ତ୍ତି ଦକ୍ଷିଣ ପଶ୍ଚିମ କ୍ଷୀରମଗ୍ଧା ଯାଦବ ସମାଜରୁ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ବରର୍ତ୍ତୀ, ଉପଦେଷ୍ଟା ବିରଞ୍ଚି ବାଗ, ଧନକଉଡ଼ା ପଞ୍ଚାୟତ ସମିତିର ଅଧ୍ୟକ୍ଷ ତଥା ଦକ୍ଷିଣ ପଶ୍ଚିମ ମଗ୍ଧା ଯାଦବ ସମାଜର ସଦସ୍ୟତା ପ୍ରକୋଷ୍ଠ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀଦିନରେ ଯାଦବ ସମାଜର କିପରି ଉନ୍ନତି ହେବ ସେଥିପାଇଁ ଆଲୋଚନା ହୋଇଥିଲା। ଏହି ମହାସଭାରେ ମୁଖ୍ୟ ସଂଯୋଜକ ଉଜ୍ଜ୍ୱଳ ମହାକୁର ବିବରଣୀ ପାଠ କରିଥିବାବେଳେ ମଞ୍ଚକୁ ସଂଯୋଜକ ହରିଶଙ୍କର ଭୋଇ ପରିଚାଳନା କରିଥିଲେ। ଝୁଝୁମୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ନିତ୍ୟାନନ୍ଦ ବାଗ, ସୌଦାଗର ହାତୀ, ବୁଧୁରାମ ଦିପ, ସଞ୍ଜିବ ଷଣ୍ଢ, ଦିଲିପ ଭୋଇ, କିଶୋର ବନଛୋର, ସରୋଜ କାଣ୍ଡ, ସୁନିଲ ବେହେରା, ଦେବରାଜ ଭୋଇ, ଶ୍ୟାମସୁନ୍ଦର ନାଗ ଓ ଶ୍ୟାମସୁନ୍ଦର ଧରଙ୍କ ସହିତ ହଜାର ହଜାର କ୍ଷୀର ମଗ୍ଧାଗଉଡ଼ ସମାଜର ପରୁଷ ଓ ମହିଳା ଉପସ୍ଥିତ ଥିଲେ। ଶେଷରେ କୃଷ୍ଣଚନ୍ଦ୍ର ଭୋଇ ସମସ୍ତ ଯାଦବ ପରିବାରଙ୍କୁ ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ।



# ସ୍କୁଲରେ ସଶସ୍ତ୍ର ଡକାୟତି; ୪ ଲକ୍ଷ ଟଙ୍କା ଓ ୩ ଭରି ସୁନା ଲୁଟ୍



**ଝାରସୁଗୁଡ଼ା, ୧୨।୪ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ବାଗଡ଼ିହିସ୍ଥିତ ଇଂଲିଶ ମିଡିୟମ ସ୍କୁଲରେ ସଶସ୍ତ୍ର ଡକାୟତି ହୋଇଛି। ୧୧ଜଣିଆ ଡକାୟତ ଦଳ ସ୍କୁଲ କର୍ମଚାରୀଙ୍କ ହାତ ଗୋଡ଼ ବାନ୍ଧି ୪ ଲକ୍ଷ ଟଙ୍କା, ତିନି ଭରି ସୁନା, ରୁପା, ୮ଟି ମୋବାଇଲ୍ ଲୁଟି ନେଇଛନ୍ତି। ଡକାୟତମାନେ ରାତି ପ୍ରାୟ ୧୧ଟାରେ ସ୍କୁଲ ଭିତରକୁ ପଶିଥିଲେ। ପ୍ରଥମେ ସ୍କୁଲ ପ୍ରିନ୍ସିପାଲ ଜନି ଜେକବଙ୍କ କ୍ୱାର୍ଟରକୁ ଯାଇ ତାଙ୍କୁ ବନ୍ଧୁକ ଏବଂ ଛୁରି ଦେଖାଇ ସ୍କୁଲ ଫି ବାବଦକୁ ମିଳିଥିବା ପ୍ରାୟ ୪ଲକ୍ଷ ଟଙ୍କା ଏବଂ ସୁନା, ରୁପା ଲୁଟି ନେଇଥିଲେ। ଘଟଣାସମ୍ପର୍କରେ ଜାଣି ପାଖ କ୍ୱାର୍ଟର୍ସରେ ଥିବା ଆଉ ତିନିଜଣ କର୍ମଚାରୀ ଆସିଥିବାବେଳେ ଡକାୟତମାନେ ସମସ୍ତଙ୍କୁ ମାଡ଼ମାରି ହାତ ଗୋଡ଼ ବାନ୍ଧି ଗୋଟିଏ କୋଠରୀରେ ବନ୍ଦ କରି ଦେଇଥିଲେ। ରାତି ୧ଟାରେ ଡକାୟତମାନେ ସେଠାରୁ ଚାଲିଯାଇଥିଲେ। ଡକାୟତମାନେ ସାଦ୍ରି ଏବଂ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିଲେ। ଏନେଇ ସୂଚନା ପାଇବା ପରେ ଏସ୍‌ଡିପିଓ ଉମାଶଙ୍କର ସିଂ, ଲଇକେରା ଥାନାଧିକାରୀ ଦିଲ୍ଲୀପ ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଇଥିଲା। ପୁଲିସ୍ ଏକ ମାମଲା ରୁଜୁ କରି ଡକାୟତଙ୍କ ସନ୍ଧାନ କରୁଛି।

# ବୁଡ଼ି ଅଞ୍ଚଳରେ ମାଛ ଯୋଗାଉଛି ରୋଜଗାର

**ଝାରସୁଗୁଡ଼ା, ୧୨।୪(ସମିସ)**

ଭିଟାମାଟି ଗଲା, ଚାଷବାସ ମଧ ଗଲା। ଶେଷରେ ଏକମାତ୍ର ଭରସା ହେଉଛି ମାଛ, ସେହି ମାଛ ହିଁ ଯୋଗାଉଛି ଭାତ। ଅଭିଭକ୍ତ ସମ୍ବଲପୁର ଜିଲ୍ଲାର ଶତାଧିକ ଗାଁ ହୀରାକୁଦ ନଦୀବନ୍ଧ ଯୋଜନାରେ ବିତାଡ଼ିତ ହେଲେ। ଏବେ ଏହି ବିସ୍ଥାପିତଙ୍କ ପେଟକଥା ବୁଝୁଛି ହୀରାକୁଦ ଜଳ ଭଣ୍ଡାରରୁ

## ପ୍ରୋସେସିଂ ପ୍ଲାଣ୍ଟ ଦାବି

ମିଳୁଥିବା ମାଛ। ହୀରାକୁଦ ଜଳ ଭଣ୍ଡାରରୁ ମାଛଧରାକୁ ସୃଙ୍ଖଳିତ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା କେତେକ ମତ୍ସ୍ୟଜୀବୀ ସମିତି ଗଠନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଇବ ସମବାୟ ସମିତି ରେଙ୍ଗାଲି, ମହମ୍ମଦପୁର ସମବାୟ ସମିତି, ଝାରସୁଗୁଡ଼ା ଜଲାର ଠେବରା ମତ୍ସ୍ୟଜୀବୀ ସମବାୟ ସମିତି, ଲଛିପାଲ ସମବାୟସମିତି ଓ ବରଗଡ଼ ଜିଲାର ତାମଦେଇ ମତ୍ସ୍ୟ ସମବାୟ ସମିତି ରହିଛି। ଆଉ କେତେକ ସମବାୟ ସମିତି ଗଠନ ଦିଗରେ ଜଳ ସମ୍ପଦ ଓ ମତ୍ସ୍ୟପାଳନ ବିଭାଗ ଯୋଜନା କରୁଛି। ଏହି ମତ୍ସ୍ୟ ସମବାୟ ସମିତିର ପ୍ରାୟ ଦଶ ହଜାର ମତ୍ସ୍ୟଜୀବୀ ମାଛମାରି ଗୁଜୁରାଣ ମେଣ୍ଟାନ୍ତି। ଅନେକ ମତ୍ସ୍ୟଜୀବୀ ଚୁନା ମାଛ ବା ଛୋଟ ପ୍ରଜାତିର ମାଛମାରି କିଲୋପ୍ରତି ୧୦ ରୁ ୧୫ ଟଙ୍କାରେ ସୋସାଇଟିରୁ କିଣିନିଅନ୍ତି। ୪ କେଜି କଞ୍ଚା ମାଛକୁ ସୁଖେଇବାରେ ୧ କେଜି ସୁଖୁଆ ହୋଇଥାଏ। ଏହି ସୁଖୁଆକୁ ମତ୍ସ୍ୟଜୀବୀମାନେ ୮୦ ରୁ ୧୦୦ ଟଙ୍କାରେ ବିକ୍ରି କରିଥାନ୍ତି। ଏହି ସୁଖୁଆକୁ ନେଇ ଏମାନେ ରେଙ୍ଗାଲି, ବାଘମୁଣ୍ଡା, ବେଲପାହାଡ଼, ଝାରସୁଗୁଡ଼ା, ଛତିଶଗଡ଼ର ରାୟଗଡ଼ର ସାପ୍ତାହିକ ହାଟରେ ବିକ୍ରି କରନ୍ତି।





କେବଳ ସେତିକି ନୁହଁ ଛତିଶଗଡ଼ର ପଥଲ୍‌ଗାଁ, ସାରଙ୍ଗଗଡ଼, ରାୟଗଡ଼, ଓଡ଼ିଶାର ରାଜଗାଙ୍ଗପୁର, ରାଉରକେଲା, ବୀରମିତ୍ରପୁର, ଅନୁଗୁଳ, ସୋନପୁର, ବଲାଙ୍ଗିର, ରେଢ଼ାଖୋଲ ଓ ସମ୍ବଲପୁର ଅଞ୍ଚଳର କେତେକ ମାଛ ବ୍ୟବସାୟୀମାନେ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍‌ରେ କିଣି ନେଇଯାଉଛନ୍ତି। କେତେବେଳେ ଏହି ମତ୍ସ୍ୟଜୀବୀଙ୍କର ମୂଳଧନ ବି ବାହାରୁ ନ ଥିବାବେଳେ କେତେବେଳେ ଭଲ ଦି'ପଇସା ଫାଇଦା ମଧ ମିଳୁଥିବା ମତ୍ସ୍ୟଜୀବୀ ମାନେ କହିଛନ୍ତି। ବିଶେଷ ଭାବରେ କୁସମେଲ, ବଡ଼ଧରା, ସାହାସବଗା, ଲଛିପାଲି, ଜାମଗାଁ, ପଲସଦା, ପୂଜାରୀପାଲି, ମୁହୁଦି, ଚିଖଲି, ନନ୍ଦପାଲି, ତିଲିଗି, ପିଥିଣ୍ଡା, ଧୁଲୁଣ୍ଡା, କଣ୍ଡେଇକେଲା, ସେମଲିଆ, ସୁଖାସୁଡ଼ା, ମହୁଲପାଲି, ଠେବରା, ବାଘମୁଣ୍ଡା, ସୁନାରୀ, ରମ୍ଭାଲୁଗା, ପତ୍ରାପାଲି, ଟାଙ୍ଗରପାଲି, ବିଶିପାଲି, କୁଟ୍ରିପାଲି, ବିରେନବନ୍ଧ ଓ ଜାମବେର୍ଣ୍ଣାର ଶତାଧିକ ମତ୍ସ୍ୟଜୀବୀକୁ ଏହି ସୁଖାମାଛ ହିଁ ଏମାନଙ୍କୁ ଜୀବିକା ଯୋଗାଇବାରେ ସହାୟକ ହେଉଛି। ବିଶେଷ ଭାବରେ ଝାରସୁଗୁଡ଼ା ଜିଲ୍ଲା ବାଘମୁଣ୍ଡା ସମପ୍ତାହିକ ହାଟରେ ବର୍ଷକୁ ୧୦ ରୁ ୧୫ ଲକ୍ଷ ଟଙ୍କାରେ ଶୁଖୁଆ ବିକ୍ରି ହେଉଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। ଏହି ବୃତ୍ତିକୁ ମାଫିଆମାନେ ନିଜ ଅକ୍ତିଆରକୁ ନେବାରେ ଲାଗିଛନ୍ତି। ବର୍ଷାଋତୁରେ ହୀରାକୁଦ ଜଳଭଣ୍ଡାରରେ ବେନିୟମ ଭାବରେ ଡୁଲୁଙ୍ଗି ଜାଲରେ ମାଫିଆମାନେ ମାଛମାରୁଥିବାବେଳେ ବ୍ୟବସାୟୀମାନେ ଅଧିକ ଟଙ୍କାଦେଇ ଚୁନାମାଛ କିଣି ନେଇଯାଉଥିବାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଜୀବିକା ହରାଉଥିବା ମାଛ ବ୍ୟବସାୟୀ କିଶୋର ଡୁମରିଆ ଅଭିଯୋଗ କରିଛନ୍ତି। ସରକାରୀ ପ୍ରୋତ୍ସାହନ ଅଭାବରୁ ମତ୍ସ୍ୟଜୀବୀମାନେ ଘୋର କ୍ଷତି ସହିବାରେ ଲାଗିଛନ୍ତି। ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳରେ ଏକ ପ୍ରୋସେସିଂ ପ୍ଲାଣ୍ଟ କରାଗଲେ ନିଶ୍ଚିତ ଭାବରେ ମତ୍ସ୍ୟଜୀବୀମାନେ ଉପକୃତ ହେଇପାରନ୍ତେ ବୋଲି ଠେବରା ମତ୍ସ୍ୟଜୀବୀ ସୋସାଇଟିର ସମ୍ପାଦକ ବାସୁଦେବ ଉର୍ମା କହିଛନ୍ତି।

## ନିଖୋଜ ଛାତ୍ରୀ ଉଦ୍ଧାର

ଦେବଗଡ଼, ୧୨।୪(ସମିସ): ବାରକୋଟ ଥାନା ଅଞ୍ଚଳରୁ ଗତ ବୁଧବାର ରାତିରେ ନିଜ ଘରୁ ଜଣେ ଦଶମ ଶ୍ରେଣୀର ଛାତ୍ରୀ ନିଖୋଜ ହୋଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନାବାଳିକା ଛାତ୍ରୀ ଜଣକ କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳରେ ଥିବା ଜାଣିବା ପରେ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବାଂଶପାଳ ଯାଇ ସେଠାରୁ ନାବାଳିକାକୁ ଉଦ୍ଧାର କରି ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘରେ ମା'ଙ୍କ ଗାଳି ମନ୍ଦ ସହିନପାରି ନାବାଳିକା ଜଣକ ଘର ଛାଡି ଚାଲି ଯାଇଥିବା ପୁଲିସ ନିକଟରେ ପ୍ରକାଶ କରିଥିବା ଜଣାପଡ଼ିଛି। ତେବେ ଛାତ୍ରୀ ନିଖୋଜର ଅଭିଯୋଗ ପାଇବାର ୨୪ ଘଣ୍ଟା ନ ପୂରୁଣୁ ନିଖୋଜ ଛାତ୍ରୀ ଉଦ୍ଧାର ହୋଇଥିବାରୁ ବାରକୋଟ ଥାନା ପୁଲିସକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

## ଯୁବକଙ୍କୁ ମାରପିଟ ଅଭିଯୋଗ

ବ୍ରଜରାଜନଗର, ୧୨।୪(ସମିସ): ଓରିଏଣ୍ଟ ଥାନା ଅଧୀନ ମହାବୀରନଗର ଅଞ୍ଚଳରେ ଜଣେ ଯୁବକଙ୍କୁ କିଛି ବ୍ୟକ୍ତି ମିଶି ମାଡ଼ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଓରିଏଣ୍ଟ ଥାନା ମହାବୀରନଗରର ଅରୁଣ ଯାଦବଙ୍କୁ ଗୁରୁବାର ସକାଳେ ରମେଶ ରାମ, ସୁରେଶ ରାମ, ସରଦା ଦେବୀଙ୍କ ସହିତ ଅନ୍ୟମାନେ ମିଶି ଲୁହା ପାଇପରେ ପିଟି ଲହୁଲୁହାଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳର କାରଣ ଜଣାପଡ଼ି ନ ଥିବାବେଳେ ପୁଲିସ ତରଫରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ନବଦାସ ହତ୍ୟା ମାମଲାରେ ଆଉ ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୧୨।୪(ସମିସ) : ନବ ଦାସ ହତ୍ୟା ମାମଲାରେ ଝାରସୁଗୁଡା ଜିଲ୍ଲା ଦୌରା ଜଜ୍‌ଙ୍କ ଠାରେ ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ପୁଲିସ ଏଏସଆଇ ଗାନ୍ଧିଛକ ଠାରେ ଗୁଳିକରି ହତ୍ୟା କରିଥିଲେ। ଏହି ମାମଲାରେ ଆଉ ଜଣେ ପ୍ରତ୍ୟେକ୍ଷଦର୍ଶୀ ଲମଟିବାହାଲର ଅମରେନ୍ଦ୍ର ନାଥଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ମୁଖ୍ୟ ଆସାମୀ ଗୋପାଳ ଦାସ ମଧ୍ୟ ଭର୍ଚ୍ଚୁଆଲ ମୋଡରେ କୋର୍ଟରେ ହାଜର ହୋଇଥିଲେ ବୋଲି ତାଙ୍କ ଓକିଲ ନରେଶ ନାୟକ ସୂଚନା ଦେଇଛନ୍ତି।

## ବାର୍‌ହା ଆକ୍ରମଣରେ ଦୁଇ ଗୁରୁତର

**ଦେବଗଡ଼, ୧୨।୪(ସମିସ ):** ତିଳେଇବଣି ବ୍ଲକ କୁରଡ଼ ଗ୍ରାମରେ ବାର୍‌ହା ଆକ୍ରମଣରେ



ଆଜି ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ସେହି ଗ୍ରାମର ବିଭୁତିଭୂଷଣ ଦେହୁରୀ(୪୨) ଓ ରାଧା ପାଲ (୬୦)। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ବିଭୁତିଭୂଷଣ ଶୁକ୍ରବାର ସକାଳେ ବାଲିଆପିଟା ନାଳ ନିକଟରେ ଥିବା ନିଜ ଆମ୍ବ ବଚିଚାରୁ ଫେରୁଥିବାବେଳେ ତାଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ସେହିପରି ରାଧା ମଧ ନିଜ ଜମିକୁ ଯାଉଥିବାବେଳେ ତାଙ୍କୁ ବାର୍‌ହା ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଉଭୟଙ୍କୁ ପରିବାର ଲୋକ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ସଶସ୍ତ୍ର ଡ଼କାୟତି ଉଦ୍ୟମ କରୁଥିବା ଦୁଇ ଅଭିଯୁକ୍ତ ଗିରଫ



**ବ୍ରଜରାଜନଗର, ୧୨।୪ (ସମିସ):** ଡକାୟତି ଉଦ୍ୟମ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଗୁରୁବାର ରାତିରେ ସବ୍ ଇନିସ୍ପେକ୍ଟର ଏମ୍ ପାଣିଗ୍ରାହୀ ପୁଲିସ ଟିମ ସହିତ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ରାମପୁର ଅଞ୍ଚଳର ସୁବ୍ରତ ସାହୁ ଓ ଅନ୍ୟ କେତେଜଣ ସଶସ୍ତ୍ର ଅପରାଧିକ ବ୍ୟକ୍ତି ଏକଜୁଟ ହୋଇ ଭାଟିଆ କୋଳ ୱାସେରିରେ ଲୁଟ କରିବା ପାଇଁ ଯୋଜନା କରୁଥିବା ନେଇ ସୂଚନା ପାଇଥିଲେ। ପୁଲିସ ଘଟଣାସ୍ଥଳରେ ଚଢ଼ଉକରି ଦୁଇଜଣ ଅଭିଯୁକ୍ତ ରାମପୁର କୋଳିଆରୀ ଅଞ୍ଚଳର ସୁବ୍ରତ ସାହୁ ଓ ଶିବ ରାୟଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ସୁବ୍ରତଙ୍କ ନିକଟରୁ ଗୁଳି ସହ ଏକ ଦେଶୀ ପିସ୍ତଲ ଓ ଶିବ ନିକଟରୁ ଏକ ଭୁଜାଲି ସହିତ ଦୁଇଟି ଲୁହା ଛଡ଼, ଦୁଇଟି ଟର୍ଚ୍ଚ ଲାଇଟ, ଏକ ବଣ୍ଡଲ ରସି ଓ ଏକ ବୋଲେରୋକୁ ପୁଲିସ ଜବତ କରିଛି।

## ଝାଡେଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟର ପ୍ରବେଶ ଉତ୍ସବ

**ଝାରସୁଗୁଡ଼ା, ୧୨।୪(ସମିସ):** ସ୍ଥାନୀୟ ବୁରୋମାଲ ବୁଡ଼ାପଡ଼ାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଆଜି ୪୬ ଜଣ ଦିବ୍ୟାଙ୍ଗ ଶିଶୁ ନାମ ପଞ୍ଜୀକରଣ କରିଥିବା ବେଳେ ଆଜି ୨୫ ଜଣ ନିଜ ଶ୍ରେଣୀରେରେ ପ୍ରବେଶ କରିଛନ୍ତି। କିଛି ଦିବ୍ୟାଙ୍ଗ ଶିଶୁଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବା ବେଳେ କିଛି ଆବଶ୍ୟକୀୟ କାଗଜାତ ନ ଥିବା ବେଳେ ମନୋନୟନ କମିଟି ବାଦ ଦେଇଥିଲେ। ତା ଛଡା କିଛି ପିଲାଙ୍କ ଅପେକ୍ଷା ଲିଷ୍ଟରେ ରଖା ଯାଇଥିବାବେଳେ ହଷ୍ଟେଲ ଓ ସ୍କୁଲରେ ଅଧିକ ଜାଗା ଓ କୋଠା ଅଭାବରୁ କିଛି ଦିବ୍ୟାଙ୍ଗ ପିଲା ଫେରିଯିବା ଏକ କ୍ଷୋଭ ବିଷୟ ବୋଲି କହିଛନ୍ତି ବିଦ୍ୟାଳୟର ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ। ପ୍ରଥମ ଦିନରେ ପିଲାଙ୍କ ପାଇଁ ଶେଣୀଗୃହକୁ ବିଭିନ୍ନ ଖେଳନାରେ ସଜାଯାଇଥିଲା। ଏହି ଉତ୍ସବ ଅଧକ୍ଷା ନମିତା ନାଥଙ୍କ ନେତୃତ୍ୱରେ ଆୟୋଜିତ ହୋଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସୁଲୋଚନା ସାହୁ, ସସ୍ମିତା ବରାଳ, ଉପେନ୍ଦ୍ର ଭଇଁଶା, ସୁଲୋଚନା ସାହୁ, ପଲ୍ଲବୀ ଭୋଇ, ପ୍ରୀତିରାଣୀ ଦାଶ, ଲକ୍ଷ୍ମୀପ୍ରିୟା ଭୋଇ, ପୂଜାରାଣୀ ସା ପ୍ରମୁଖ ଯୋଗଦେଇ ଥିଲେ। ଏହି କର୍ଯ୍ୟକ୍ରମକୁ ସୂଚାରୁ ରୂପେ ଶିକ୍ଷକ ଶିକ୍ଷୟିତ୍ରୀ ତୁଲାଇ ଥିବାରୁ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ସଚିବ ଜ୍ୟୋତିଷ ଧନ୍ୟବାଦ ଦେଇଥିଲେ।




## ହର୍ଡାବାହାଲରେ କଂଗ୍ରେସର ନିର୍ବାଚନୀ ପ୍ରଚାର

**ଦେବଗଡ଼, ୧୨।୪(ସମିସ):** ନିର୍ବାଚନୀ ପାଇଁତାରିଖ ପାଖେଇ ଆସୁଥିବା ବେଳେ ଦେବଗଡ଼ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ମଧ ଜିଲ୍ଲା କଂଗ୍ରେସ ପକ୍ଷରୁ ନିର୍ବାଚନପ୍ରଚାର ଆରମ୍ଭ ହୋଇଯାଇଛି। ଆଜି ତିଳେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତର ଲମ୍ବଡୁରା ଗ୍ରାମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କଂଗ୍ରେସକୁ ସମର୍ଥନ କରି ଜିଲ୍ଲାର ବିକାଶରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଦେବେନ୍ଦ୍ର ଗଡ଼ନାୟକ, କ୍ଷୀରୋଦ ଦୀପବ, ଆକାଶ ଦାସ, ସୁଶୀଲ କୁମାର, ଗୁଣନିଧି ବେହେରା, ନାଥକୃଷ୍ଣ ଜାଲ ଓ ଦେବେନ୍ଦ୍ର ଗଡ଼ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।






## ଜାତୀୟ ପଥପ୍ରାନ୍ତ ନାଟକ ଦିବସ ପାଳିତ

**ଝାରସୁଗୁଡ଼ା, ୧୨।୪(ସମିସ) :** ବେଲପାହାଡ଼ ଗୁମାଡେରା ଜାହାଜପଡ଼ିଆ ସ୍ଥିତ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ସ୍କୁଲ ଠାରେ ଜାତୀୟ ପାଥପ୍ରାନ୍ତ ନାଟକ ଦିବସ ପାଳିତ ହୋଇ ଯାଇଛି। ଭାରତୀୟ ପଥପ୍ରାନ୍ତ ନାଟକର ଜନକ ସଫଦର ହାସମୀଙ୍କ ଜନ୍ମ ଦିନକୁ ଜାତୀୟ ପଥପ୍ରାନ୍ତ ନାଟକ ଦିବସ ଭାବରେ ପାଳନ କରାଯାଉଛି। ମିରର୍ ଥିଏଟର୍ ଦ୍ୱାରା ଆୟୋଜିତ ଏହି ପ୍ରଥପ୍ରାନ୍ତ ନାଟକ ଦିବସ ଅବସରରେ ମୁଖ୍ୟ ଅତିଥି ଭାବରେ ସ୍କୁଲର ପ୍ରିନ୍ସିପାଲ ଅମୀର କୁମାର ସାହୁ ଓ ମିରର୍ ଥିଏଟର ନିର୍ଦ୍ଦେଶକ ଡାକ୍ତର ସୁବାସ ପ୍ରଧାନ ଯୋଗ ଦେଇଥିଲେ। ଜାତୀୟ ପଥପ୍ରାନ୍ତ ନାଟ ଦିବସ ଅବସରରେ ଏକକ ନାଟକ ବେକାର୍ ପ୍ରଦର୍ଶିତ ହୋଇଥିଲା। ଏହି ନାଟକରେ ସୁଶାନ୍ତ ମହାରଣ ଅଭିନୟ କରିଥିଲେ। ସଙ୍ଗୀତ ପରିଚାଳନା ବିନୟ ପ୍ରଧାନ ସମେତ ଡ଼ା. ଦିଲ୍ଲୀପ ନାଏକ, କାହ୍ନା ବଗାର, ଭବେଶ ପ୍ରଧାନ, ଅରତୀ ବଏଗା କରିଥିଲେ। ସୋନିଆଁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜୁ ଜନତା ଦଳର ମିଶ୍ରଣପର୍ବ**

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ



**ଝାରସୁଗୁଡ଼ା, ୧୨।୪(ସମିସ)**

ସ୍ଥାନୀୟ ହୋଟେଲ ମାଇକ୍ରୋକଣ୍ଟିନେଣ୍ଟଲ ଠାରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ କରାଯାଇଛି। ଏହି ମିଶ୍ରଣ ପର୍ବକୁ ବଶିଷ୍ଠ ନେତା ତାପସ ରାୟ ଚୌଧୁରୀ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଧାୟିକା ଦିପାଳୀ ଦାସ ଓ ଜିଲ୍ଲା ସଭାପତି ରବି ସିଂ, ପୌରପରିଷଦ ଅଧକ୍ଷା ରାନୀ ହାତୀ, ଉପାଧକ୍ଷ ବେନୁଗୋପାଲ ପାଣିଗ୍ରାହୀ, ହରିଶ ଗଣତ୍ରା, ରଘୁମଣି ପଟେଲ, ପି ରାମମୋହନ ରାଓ, ପବନ ସିଂହ ଯାଦବ, ମଣ୍ଟୁ ପଣ୍ଡା, ହୃଦାନନ୍ଦ ରୋହିଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଦିପାଳୀ ଦାସଙ୍କ ଉନ୍ନତିମୂଳକ କାର୍ଯ୍ୟରେ ପ୍ରେରିତ ହୋଇ ଶହ ଶହ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା କର୍ମୀ ମାନଙ୍କମଧରେ ପୌରାଞ୍ଚଳର ୧, ୨ ଓ ୪ ନମ୍ବର ୱାର୍ଡ ର ଥିବାବେଳେ ଆଜିର ଏହି ମିଶ୍ରଣ ପର୍ବ ରେ ଝାରସୁଗୁଡ଼ା ବିଧାନସଭାରେ ବିକାଶ ର ଜୟ ହେବ ଏବଂ ଏହି ନିର୍ବାଚନରେ ବିଜୁ ଜନତା ଦଳ ବିଜେପିକୁ ୬୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାଜୟ କରି ସମଗ୍ର ରାଜ୍ୟରେ ନୂତନ ଇତିହାସ ସୃଷ୍ଟି କରିବ ବୋଲି ବିଧାୟିକା ଦିପାଳୀ ଦାସ କହି ସମସ୍ତଙ୍କୁ ନିଜ ଦଳକୁ ସ୍ୱାଗତ କରିଥିଲେ। ଅଜିର କାର୍ଯ୍ୟକ୍ରମରେ ପିଣ୍ଟୁପାଢ଼ୀ, ତୁଳସୀ ଦାସ, ଅଶୋକ ଦାସ, ଚିରଞ୍ଜିବି ପତି, ଗୀତାଞ୍ଜଳି ପଣ୍ଡା, ନବନିତ କୋର, ମଧୁସ୍ମିତା ଶୁଭନିଲ, ଝରଣା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଥାନା ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ



**ଦେବଗଡ଼, ୧୨।୪ (ସମିସ) :** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନାଞ୍ଚଳର ସୀମା ବର୍ତ୍ତି ଚେକ ପୋଷ୍ଟରେ ଯାନବାହାନ ଯାଞ୍ଚ କଡାକଡି କରାଯାଇଛି। ଆଜି ଦେବଗଡ଼ ଥାନା ପୁଲିସ ପକ୍ଷରୁ ତିଳେଇବଣି ଫାଣ୍ଡି ଅଞ୍ଚଳ ଦେଇ ଯାଇଥିବା ଝାରସୁଗୁଡା, ସମ୍ବଲପୁର, କଂସର ରାସ୍ତାରେ ସ୍ୱତନ୍ତ୍ର ପୁଲିସ ବଳ ଉପସ୍ଥିତିରେ ବିଭିନ୍ନ ଯାନବାହାନ ଯାଞ୍ଚ କଡାକଡ଼ି କରିଛି।

## ମିଗ୍‌ଜୋମ୍ ସହାୟତା ରାଶି ପ୍ରଦାନରେ ବୀମା କମ୍ପାନୀର ଟାଳଟୁଳ ନୀତି

# ୧୯ ରୁ ରେଳରୋକ ଚେତାବନୀ

**ବରଗଡ଼, ୧୨।୪(ସମିସ)**

ଗତ ଡିସେମ୍ବର ମାସରେ ହୋଇଥିବା ମିଗ୍‌ଜୋମ୍ ଜନିତ କ୍ଷୟକ୍ଷତିର ସହାୟତା ରାଶି ପ୍ରଦାନ ପାଇଁ ବିଭିନ୍ନ ସମୟରେ ଧାରଣା ତଥା ତାଲା ବନ୍ଦ ଆନ୍ଦୋଳନ କରାଯିବା ପରେ ମଧ୍ୟ ଚାଷୀମାନେ ଫସଲ ବୀମା ସହାୟତା ରାଶିରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଶୁକ୍ରବାର ପୁଣି ଥରେ ଜିଲ୍ଲା ପ୍ରଶାସନ, ବୀମା କଂପାନୀ ଏବଂ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଆହ୍ୱାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠରେ ଚାଷୀମାନେ ବୀମା କମ୍ପାନୀ ପ୍ରତିନିଧିଙ୍କୁ ଆଗାମୀ ଏପ୍ରିଲ ୧୮ ସୁଦ୍ଧା ସମସ୍ତ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ। ଯଦି ଏଥିରେ କମ୍ପାନୀ ଖିଲାପ କରେ ତେବେ ତାକୁ କଳା ତାଲିକା ଭୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ପୂର୍ବରୁ ଚାଷୀମାନେ ୧୬ ତାରିଖରେ ରେଳରୋକ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଅପରପକ୍ଷେ ଜିଲ୍ଲାପାଳଙ୍କ ଅନୁରୋଧକୁ ରକ୍ଷାକରି ୧୬ ପରିବର୍ତ୍ତେ ୧୯ ତାରିଖ ଦିନ ରେଳରୋକ କରିବା ପାଇଁ ନିଷ୍ପତ୍ତି କରି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ସଂଗଠନ ପକ୍ଷରୁ ଜଣାଇ ଦିଆଯାଇଥିଲା। ଗତ ଡିସେମ୍ବର ମାସରେ ମିଗଜୋମ ଜନିତ ବର୍ଷା କାରଣରୁ ବରଗଡ଼ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ସେହି ସମୟରେ କୃଷି ଏବଂ ରାଜସ୍ୱ ବିଭାଗ କ୍ଷେତ୍ର ପରିଦର୍ଶନ କରି ୪୧ ହଜାର ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ ଧାନ ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ରିପୋର୍ଟ ପଠାଇଥିଲେ। ଯାହାକୁ ନେଇ ବରଗଡ଼ ଜିଲ୍ଲାପାଳ ଉପରିସ୍ଥ ଅଧିକାରୀଙ୍କୁ ୫୮ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଚାଷୀମାନଙ୍କୁ ଯୋଗାଇ ଦେବାପାଇଁ ଜଣାଇଥିଲେ। ମାତ୍ର ୪୦୦ ହେକ୍ଟର ଜମିର ୪୫ ଲକ୍ଷ ଟଙ୍କା ଚାଷୀମାନଙ୍କୁ କ୍ଷତିପୂରଣ ରାଶି ମିଳିଛି। ପେଟା କୁହା ଫସଲ ନଷ୍ଟ ବୀମା କ୍ଷତିପୂରଣ ପାଇଁ ନିୟମ ମୁତାବକ କ୍ଷତି ହେବାର ୭୨ ଘଣ୍ଟା ମଧ୍ୟରେ ପ୍ରଭାବିତ କୃଷକ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇବେ ଏବଂ ବିଭାଗୀୟ ଅଧିକାରୀ ମାନେ ୧୦ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ୧୫ ଦିନ ମଧ୍ୟରେ ସହାୟତା ରାଶି ଦେବା ବ୍ୟବସ୍ଥା ରହିଛି। କିନ୍ତୁ ଅଧିକାରୀ ମାନଙ୍କ ଖମାଖିଆଲି ମନୋଭାବ କାରଣରୁ କ୍ଷତିଗ୍ରସ୍ତ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଗତ ଫେବୃଆରୀ ୨୭ ତାରିଖରେ ମିଗ୍‌ଜୋମ୍ ସହାୟତା ରାଶି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ପ୍ରଦାନ ଦାବିରେ ବିରାଟ ଚାଷୀ ସମାବେଶ ଆୟୋଜନ କରାଯିବା ସହ ଚାଷୀମାନଙ୍କୁ ତୁରନ୍ତ ସହାୟତା ରାଶି ଯୋଗାଇଦେବାକୁ ଦାବି କରାଯାଇଥିଲା। ପରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ୧୦ ଦିନ ମଧ୍ୟରେ କ୍ଷତିପୂରଣ ଦେବା ପାଇଁ କମ୍ପାନୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି ପୂରଣ ନହେବାରୁ ଗତ ମାର୍ଚ୍ଚ ୧୩ ରୁ ଜିଲ୍ଲା କୃଷି କାର୍ଯ୍ୟାଳୟ, ଅତାବିରା ତହସିଲ, ଭେଡେନ ତହସିଲ ଅଫିସ ତାଲା ବନ୍ଦ କରି ଧାରଣା ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ହେବା ସହ ତାହା ବିଫଳ ହୋଇଥିଲା ଏବଂ ପରେ ହଜାର ହଜାର ଚାଷୀ ବୀମା କଂପାନୀ ନାଁରେ ଥାନାରେ ଏତଲା ଦେଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନଥିଲା। ଯାହାକୁ ନେଇ ଆଗାମୀ ୧୬ ତାରିଖରେ ସଂଯୁକ୍ତ କୃଷକ ସଂଗଠନ ତରଫରୁ ରେଳରୋକ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ପୁଣି ଥରେ ତ୍ରିପାକ୍ଷିକ ଆଲୋଚନା ହେବା ସହ ଏପ୍ରିଲ ୧୮ ତାରିଖ ସୁଦ୍ଧା ସହାୟତା ରାଶି ଯୋଗାଇ ଦେବାକୁ ବୀମା କଂପାନୀକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୮ ତାରିଖ ସୁଦ୍ଧା ଫସଲ ବୀମା ସହାୟତାରାଶି ନମିଳିଲେ ସଂଯୁକ୍ତ କୃଷକ ସଂଗଠନ ତରଫରୁ ୧୯ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଳରୋକ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ବୈଠକରେ ସଂଯୁକ୍ତ କୃଷକ ସଙ୍ଗଠନ ସଦସ୍ୟ ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ସୁଦାଂଶୁ ଦୀପ, ବୀରେନ୍ଦ୍ର କର, ସୁବାସ ବିଶ୍ୱାଳ, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ରାଧେଶ୍ୟାମ ନାୟକ, ତପନ ମିଶ୍ର, କାରଣ ସାହୁ, ସୁବୋଧ ଦାଶ, ସୁବାସ ପଧାନ, ସୁଶାନ୍ତ ଗଡ଼ତିଆ, ପ୍ରଭାତ ସାହୁ ସମେତ ବହୁ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ବରଗଡ଼ ଟାଉନ ବିଜେଡି କର୍ମୀ ସମ୍ମିଳନୀ




**ବରଗଡ଼, ୧୨।୪ (ସମିସ) :** ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱ ଓ ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୌର ପରିଷଦ ଅନ୍ତର୍ଗତ ୧୯ ୱାର୍ଡର ବିଜେଡି କର୍ମୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ବରଗଡ଼ ଲୋକସଭା ପ୍ରାର୍ଥୀ ପରିଣୀତା ମିଶ୍ର, ଯୁବନେତା ସୁଶାନ୍ତ ମିଶ୍ର, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବିଧାୟକଙ୍କ ଧର୍ମପତ୍ନୀ ଶ୍ରୀମତୀ ମାହେଶ୍ୱତା ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୌର ପରିଷଦର ବିଭିନ୍ନ ୱାର୍ଡରୁ ୪ ହଜାରରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସହରର ସମସ୍ତ କର୍ମୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପସ୍ଥିତ ଦଳୀୟ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ବିଧାନସଭା ପାଇଁ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ଲୋକସଭା ପାଇଁ ଯୁବ ନେତା ସୁଶାନ୍ତ ମିଶ୍ରଙ୍କ ଧର୍ମପତ୍ନୀ ପରିଣିତା ମିଶ୍ରଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଦଳୀୟ ପ୍ରାର୍ଥୀ କରିଥିବାରୁ ଉଭୟଙ୍କୁ ଆଶୀର୍ବାଦ ପ୍ରଦାନ କରି ରାଜ୍ୟରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ବୈଠକରେ ବିଭିନ୍ନ ୱାର୍ଡର କାଉନସିଲରଙ୍କ ସମେତ ଯୁବ ଓ ମହିଳା ନେତୃ ମଣ୍ଡଳୀ ଉପସ୍ଥିତ ରହି ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ଗରୁଡ଼ସ୍ତମ୍ଭ ପୁନଃ ପ୍ରତିଷ୍ଠା



**ବରଗଡ଼, ୧୨।୪(ସମିସ):** ଗୋଡ଼ଭଗା ସ୍ଥିତ ମାଁ ସମଲେଶ୍ୱରୀ ମନ୍ଦିର ଗରୁଡ଼ସ୍ତମ୍ଭର ପୁନଃ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମା ସମଲେଶ୍ୱରୀ ମନ୍ଦିରର ଗରୁଡ଼ସ୍ତମ୍ଭରେ ନୂତନ ଭାବେ ମାର୍ବଲ ଲଗାଯାଇଥିବା ବେଳେ ଏଥିପାଇଁ ମାହେଶ୍ୱରୀ ଗ୍ରୁପ ତରଫରୁ ଫକୀର କର୍ଣ୍ଣ ଓ ସହଧର୍ମିଣୀ ସନ୍ତୋଷିନୀ କର୍ଣ୍ଣ ସହଯୋଗର ହାତ ବଢ଼ାଇ ୭୦ ହଜାର ଟଙ୍କା ଦାନ କରିଥିଲେ। କାର୍ଯ୍ୟ ସମାପ୍ତ ହେବା ପରେ ଶୁକ୍ରବାର ଏହାର ପୁନଃ ପ୍ରତିଷ୍ଠା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏ ଅବସରରେ ଶ୍ରୀ କର୍ଣ୍ଣ ସପତ୍ନିକ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିରର ସଭାପତି କୁଲମଣି ପ୍ରଧାନ, ସଦସ୍ୟ ସୁରେଶ ଦାଶଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ରହି ମାଁ ଙ୍କ ଆଶୀଷ ଲାଭ କରିଥିଲେ।

## ଭଟଲିରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ



**ଭଟଲି, ୧୨। ୪(ସମିସ):** ଭଟଲି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ କେଶାଇପାଲି ଠାରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କ ସପ୍ତମ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବିଇଓ ସରୋଜ କୁମାର ଭୁଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ନବମ ପାସ ପିଲାଙ୍କ ପଢ଼ାରେ ଉନ୍ନତି ପାଇଁ କାର୍ଯ୍ୟପନ୍ଥା, ସମସ୍ତ କ୍ଲବ ଗୁଡ଼ିକର ସମୀକ୍ଷା ଓ ସଶକ୍ତ ଯୋଜନା ପ୍ରସ୍ତୁତି, ଗ୍ରୀଷ୍ମଅବକାଶ ସମୟରେ ବିଦ୍ୟାଳୟର ଆସବାବପତ୍ରର ରକ୍ଷଣାବେକ୍ଷଣ ଓ ସୁପରିଚାଳନା ଓପନ ସ୍କୁଲ, ମୋ ସ୍କୁଲ ଅଭିଯାନ ଓ ଛାତ୍ର ଛାତ୍ରୀମାନଙ୍କ ଉନ୍ନତ ପ୍ରଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଧାରାମ ଭୋଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଉମାରାଣୀ ବେହେରା ସଂଯୋଜନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଲତା ସାହୁ ଓ ବିଜ୍ଞାନ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ବିଦ୍ୟାଳୟର ବିଭିନ୍ନ ଅଭିନବ ପଦକ୍ଷେପ ଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ପରେ ସମସ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ଲାଇବ୍ରେରୀ, ବିଜ୍ଞାନାଗାର ପରିଦର୍ଶନ କରି ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରକାଶ ଚନ୍ଦ୍ର ସାହୁ ୪ଟି କ୍ଲବର ସମୀକ୍ଷା କରିଥିଲେ। ବିଇଓ ଶ୍ରୀ ଭୁଏ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ପଲ୍ଲବ' ଉନ୍ମୋଚନ କରିଥିଲେ।ଏଥିରେ ବ୍ଲକର ସମସ୍ତ ୧୯ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦାନ କରିଥିଲେ।

## 'ଦୟାନିଧି ଗ୍ରନ୍ଥାବଳୀ' ଉନ୍ମୋଚିତ

**ବରଗଡ଼, ୧୨।୪( ସମିସ) :** ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲଠାରେ 'ଦୟାନିଧି ଗ୍ରନ୍ଥାବଳୀ' ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୟାନିଧି ମିଶ୍ର ସ୍ମୃତି କମିଟି ବରପାଲି ଓ ଦୟାନିଧି ମିଶ୍ରଙ୍କ ପରିବାର ତରଫରୁ ଆୟୋଜିତ ଏହି ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର୍ ଡ. ଅଶୋକ କୁମାର ଦାଶ ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ, କେଉଁଝରର ପ୍ରଫେସର୍ ଡ. ବବ୍ରୁବାହନ ମହାପାତ୍ର ସମୀକ୍ଷକ ଭାବରେ ମଞ୍ଚାସୀନ ଦୟାନିଧି ମିଶ୍ରଙ୍କ ଦୁଇ ପୌତ୍ର ପ୍ରଭାତାଦିତ୍ୟ ମିଶ୍ର ଓ ଡା. ତରୁଣାଦିତ୍ୟ ମିଶ୍ର ତାଙ୍କ ବକ୍ତବ୍ୟରେ ପରିବାରର ଭାବସିକ୍ତ ଅନୁଭବକୁ ବ୍ୟକ୍ତ କରିଥିଲେ। ଦୟାନିଧି ମିଶ୍ରଙ୍କ ପୌତ୍ର ବିକ୍ରମାଦିତ୍ୟ ମିଶ୍ର ଓ ପ୍ରତାପଦିତ୍ୟ ମିଶ୍ରଙ୍କ ସମେତ ଦୟାନିଧି ମିଶ୍ର ସ୍ମୃତି କମିଟିର ସଦସ୍ୟ ପ୍ରଫୁଲ୍ଲ ସ୍ୱାଇଁ, ବିକାଶ ସାହୁ, ସୁଦର୍ଶନ ଭରାସାଗର, ଅନନ୍ତ ମେହେର, ଶମ୍ଭୁନାଥ ଠାକୁର, ମନିଷା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ



ଯୋଗଦେଇ ଓଡ଼ିଆ ସାହିତ୍ୟରେ ଦୟାନିଧି ମିଶ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ପ୍ରମୋଦ କୁମାର ସାହୁ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ର ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ରୋସନ ସାହୁ ଓ ସଂଯୋଜନା କରିଥିଲେ ଅଧ୍ୟାପକ ବିଶ୍ୱନାଥ ସାହୁ। ଶେଷରେ ଅଧ୍ୟାପିକା ପ୍ରଜ୍ଞାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକଦ୍ୱାରା ପ୍ରକାଶିତ ଏବଂ ଅଧ୍ୟାପକ ବିଶ୍ୱନାଥ ସାହୁ ଓ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ଏହା ସମ୍ପାଦିତ ହୋଇଥିଲା।

## ଅମ୍ବାଭୋନା ବ୍ଲକରେ ପ୍ରଧାନଶିକ୍ଷକ ବୈଠକ



**ଅମ୍ବାଭୋନା, ୧୨।୪(ସମିସ):** ଅମ୍ବାଭୋନା ହୀରାଧର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭଇନାତୋରା ଠାରେ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବାବୁଲାଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆମ୍ବାଭୋନା ବିଇଓ ଭାବନା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମକାଳୀନ ଅବକାଶ ସମୟରେ ଅନ୍‌ଲାଇନ୍ ପାଠ୍ୟ ଦାନ, ଡ୍ରପ ଆଉଟ୍ ଛାତ୍ର ଛାତ୍ରୀଙ୍କ ସମସ୍ୟା ନିରାକରଣ, ବିଦ୍ୟାଳୟରେ କ୍ଲବ ଗଠନ ଓ ପ୍ରଧାନ ଶିକ୍ଷକଙ୍କ ମାସିକ ବିବରଣୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଲାଲ୍ ମୋହନ ସିଂ ଯୋଗ ଦେଇ ପ୍ରଧାନ ଶିକ୍ଷକଙ୍କ ଭୂମିକା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓକିଲ ଭୋଇ, ଅସୀମ ସାହୁ, ବୃନ୍ଦାବନ ଠେଠୁଆର୍, ସୋମନାଥ କିଶନ, କଷ୍ଟ ସାହୁ, ସବିତା ପ୍ରଧାନ, ରାଜକୁମାର ନାଏକ, ନରେଶ ଚନ୍ଦ୍ର ସା, ତପୋଧନ ନାଏ. ସଚିନ ଧାରୁଆ ପ୍ରମୁଖ ସହଯୋଗ କରିଥିଲେ।

## ଆମ୍ବେଦକର ଯୋଦ୍ଧା ରକ୍ତଦାନ କରି ଜୀବନ ବଞ୍ଚାଇଲେ

**ପଦ୍ମପୁର, ୧୨।୪ (ସମିସ):** ସମାଜ ସେବାରେ ନିପୁଣ ଥିବା ଆମ୍ବେଦକର ଯୋଦ୍ଧା ସଂଗଠନର ସବଡିଭିଜନ ସଭାପତି ଡୋଳାମଣି ସୁନା ଓ ଆମ୍ବେଦକର ଯୋଦ୍ଧାର କର୍ମକର୍ତ୍ତା କେଶବ ବାଗ ପଦ୍ମପୁର ଚିକିତ୍ସାଳୟକୁ ଆସି ରକ୍ତଦାନ କରିଛନ୍ତି। କେଲେଣ୍ଡା ଗ୍ରାମର ଏକ ଗର୍ଭବତୀ ମହିଳା ଓ ଜଣେ ଅଜଣା ରୋଗୀଙ୍କୁ ଉଭୟ ରକ୍ତ ଦେଇଥିଲେ। କେଶବ ୨୦ ଥର ଓ ଡୋଳାମଣି ୨୮ ଥର ରକ୍ତଦାନ କରି ସାରିଥିବା କହିଛନ୍ତି। ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଉଥିବାରୁ ଏହି ଆମ୍ବେଦକର ଯୋଦ୍ଧା ମାନଙ୍କୁ ପ୍ରସଂଶା କରାଯାଇଛି।

## ବରଗଡ଼ ଦେଖିବ ବିକାଶର ଯୁଗାନ୍ତକାରୀ ପରିବର୍ତ୍ତନ

**ବରଗଡ଼, ୧୨।୪(ସମିସ):** ବିକାଶ ଏକ ନିରନ୍ତର ପ୍ରକ୍ରିୟା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ବିକଶିତ ହେଉଥିବା ବେଳେ ଆଗାମୀ ଦିନରେ ଜନସାଧାରଣଙ୍କ ଆଶୀର୍ବାଦ ଓ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ବରଗଡ଼ ଦେଖିବ ବିକାଶର ଯୁଗାନ୍ତକାରୀ ପରିବର୍ତ୍ତନ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସ୍ଥାନୀୟ ଅନ୍ନପୂର୍ଣ୍ଣା ପ୍ୟାଲେସଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମତପ୍ରକାଶ କରିଛନ୍ତି। ବରଗଡ଼ ନିର୍ବାଚନ ମଣ୍ଡଳୀର ୩୪ ଟି ଗ୍ରାମ ପଞ୍ଚାୟତର କର୍ମୀ ମାନଙ୍କୁ ନେଇ ବିଜେଡି ତରଫରୁ ଅନୁଷ୍ଠିତ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଥିଲେ ଜନସାଧାରଣଙ୍କ ସ୍ୱପ୍ନକୁ ସରକାର ସାକାର କରିବାରେ ପ୍ରତିବଦ୍ଧତା ରହିଥିବା ବେଳେ ଭାରତୀୟ ଜନତା ପାର୍ଟି ସପନବଣିକ ଭୂମିକା ନିର୍ବାହ କରି ଲୋକଙ୍କୁ କେବଳ ସପନ ବିକି ଚାଲିଛି। ଯାହା ରାଜ୍ୟବାସୀଙ୍କୁ ଅଛପା ନାହିଁ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କହନ୍ତି ତାହା କରନ୍ତି। ଆଜି ରାଜ୍ୟର ପ୍ରତିଟି କ୍ଷେତ୍ରରେ ବିକାଶ ଆଖି ଆଗରେ ରହିଥିବା ବେଳେ ବରଗଡ଼ ଜିଲ୍ଲାର ମଧ୍ୟ ସାମଗ୍ରିକ ବିକାଶର ଚିତ୍ର ଜନସାଧାରଣଙ୍କ ସମ୍ମୁଖରେ ରହିଛି। ବିରୋଧୀଙ୍କ ସମାଲୋଚନା ପରିପ୍ରେକ୍ଷୀରେ ଶ୍ରୀ ଆଚାର୍ଯ୍ୟ କହିଥିଲେ ବିକାଶକୁ ଦେଖି ବି ନ ଦେଖିଲା ଭଳି ଅଭିନୟ କରୁଥିବା ବିରୋଧୀ ଆଖିରୁ କଳା ଚଷମା ବାହାର କରି ବିକାଶକୁ ଭଲ ଭାବେ ଦେଖନ୍ତୁ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରି ସାରା ପୃଥିବୀରେ ଏକ ନୂଆ ରେକର୍ଡ ସୃଷ୍ଟି କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି




ଯୋଜନା ପ୍ରଣୟନ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ଦରବୃଦ୍ଧି ଯୋଗୁଁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଯାହାର ଉଚିତ ଜବାବ ଆଗାମୀ ଦିନରେ ଭୋଟ ମାଧ୍ୟମରେ ଦେଇ ବିଜେପିକୁ ପ୍ରତ୍ୟାଖାନ କରି ପରିପ୍ରକାଶ କରିବେ ବୋଲି ବକ୍ତାଗଣ ମତପ୍ରକାଶ କରିଥିଲେ। ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ସଭା ପରିଚାଳନା କରିଥିବା ବେଳେ ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର ଉପସ୍ଥିତ ରହି ଜନସାଧାରଣଙ୍କ ଆଶୀର୍ବାଦ କାମନା କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ସମେତ ବରଗଡ଼ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପା ଭୋଇ, ପ୍ରଭାସିନୀ ପ୍ରଧାନ, ଗୋବିନ୍ଦ ସାହୁ, ମୀନାକ୍ଷୀ ପାଣ୍ଡେ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଗୌରହରି ମିଶ୍ର, ଯୁବନେତା ସୁଶାନ୍ତ ମିଶ୍ର, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ରବୀନ୍ଦ୍ର ଭୋଇ, ସୁରଥ ପ୍ରଧାନ, ଲୁବୁରୁ ସାହୁ, ସଦାଶିବ ସାହୁ, କ୍ଷୀରୋଦ ସାହୁ, ଅଶ୍ୱିନୀ ତ୍ରିପାଠୀ, ଟୁନୁ ସାହୁ, ସରପଞ୍ଚ ସୁଷମା ଆଚାର୍ଯ୍ୟ, ସରସରା ସରପଞ୍ଚ ସୁନୀତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଲସ୍ତଲାରେ ରକ୍ତଦାନ ଶିବିର




**ବରଗଡ଼, ୧୨।୪(ସମିସ):** ଅତାବିରା ବ୍ଲକ ଅନ୍ତର୍ଗତ ଲସ୍ତଲା ଗ୍ରାମରେ ନିଷ୍ଠା ପରିବାର ଓ ଲସ୍ତଲା ଯୁବ ଗୋଷ୍ଠିର ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହ ପାଇଁ ବର୍ତ୍ତମାନ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏହାକୁ କିଛି ମାତ୍ରାରେ ଦୂର କରିବା ପାଇଁ ଲସ୍ତଲା ଯୁବ ଗୋଷ୍ଠିଙ୍କର ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଶିବିରକୁ ପୂର୍ବତନ ସେନା କର୍ମଚାରୀ ଖିରେଶ୍ୱର ପଧାନ, ରିଲୁ ନାଏକ, ରାଜୁ ମହାକୁର ପ୍ରମୁଖ ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ମାନେ ମୋଟ ୨୬ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

## ଗଞ୍ଜେଇ ମାଫିଆକୁ ଧରିବାକୁ ଯାଇ ପୁଲିସ ରୋଷର ଶିକାର

# ଅଭିଯୁକ୍ତ ପରିବାରର ଆକ୍ରମଣରେ ପୁଲିସ ଲହୁଲୁହାଣ

**ଝାରବନ୍ଧ, ୧୨।୪(ସମିସ)**

ଝାରବନ୍ଧ ଥାନା ଝୋଝୋନରା ନିତ୍ୟାନନ୍ଦପୁର ଛକରେ ଥିବା ଗଞ୍ଜେଇ ମାଫିଆ ନାନୁ ସାହୁ ବଡ଼ଧରଣ ବ୍ୟବସାୟ କରୁଥିଲା। ବୁଧବାର ଛତିଶଗଡ଼ ବସନା ଥାନା କେଶରପୁର ଗ୍ରାମର ଯଦୁନାଥ ଶ୍ରୀବସ୍ତ ଓ ଦିଲେଶ୍ୱର ଗହୀରକୁ ତିନି କେଜି ଗଞ୍ଜେଇ ଦେଇ ଓଡ଼ିଶା ସୀମା ପାର କରୁଥିବା ବେଳେ ଝାରବନ୍ଧ ପୁଲିସ ହାତୁଡ଼ରେ ପଡ଼ିଥିଲା। କିନ୍ତୁ ନାନୁ ଫେରାର ହୋଇଥିଲା। ତାର ଠିକଣା ପାଇ ଗୁରୁବାର ଭୋରରୁ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି, ଏଏସ୍ଆଇ ସମାରୁ ନାଗ, ଆକାଶ ପ୍ରଧାନ, ଡାକ୍ତର ଷଣ୍ଢ ଓ ସହକର୍ମୀ ଚଢ଼ାଉ କରିଥିଲେ।

**ପୁଲିସ ଗାଡ଼ି ଭାଙ୍ଗିଲେ**

**୬ ବାଇକ୍, କାର୍, ଟ୍ରାକ୍ଟର ଜବତ; ୮ ଗିରଫ**

ଗଞ୍ଜେଇ ମାଫିଆ ନାନୁକୁ ଧରି ପୁଲିସ ଆଣିବାକୁ ଉଦ୍ୟମ ପୂର୍ବରୁ ଗଞ୍ଜେଇ ମାଫିଆର ପରିବାରର ରୋଷର ଶିକାର ହେବାକୁ ପଡ଼ିଥିଲା। ପରିବାର ଲୋକେ ଥାନା ଅଧିକାରୀଙ୍କୁ ଏକ ଘରେ ବନ୍ଦ କରିଦେଇ ଅନ୍ୟ ପୁଲିସକୁ ମାଡ଼ ମାରି ଥିଲେ। ସରପଞ୍ଚ ଚୈତରାମ ନାଏକ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ବେଲଟୁକୁରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିବା ବେଳେ ପୁଣି ଅମୋଦୀ ନିକଟରେ ପୁଲିସ ଗାଡ଼ିକୁ ଭାଙ୍ଗି ପୁଲିସ ଉପରେ ଆକ୍ରମଣ କରିଥିଲେ। ପରେ ବେଲଟୁକୁରୀ ପୁଲିସ ଆସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ। ଖବର ପାଇ ଉପଖଣ୍ଡ ପୁଲିସ ଅଧିକାରୀ ବିଭୁତି ଭୂଷଣ ଭୋଇ ଓ ପାଇକମାଲ, ଜଗଦଳପୁର, ପଦ୍ମପୁର ପୁଲିସ ଫୋର୍ସ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ତଲାସୀ କରିଥିଲେ। ଘଟଣାରେ ବ୍ୟବହାର କରାଯାଇ ଥିବା ୬ଟି ବାଇକ, ଗୋଟିଏ କାର, ଗୋଟିଏ ଟ୍ରାକ୍ଟରକୁ ଜବତ କରିବା ସହ ୮ଜଣ ପପୁ ସାହୁ, ଯୁଗଳ କିଶୋର ସାହୁ, ଜନକ ସାହୁ, ତୁଳସୀବତୀ ସାହୁ, ରାଜମତି ସାହୁ, ଅବନି ସାହୁ, ହୀରାବାଇ ସାହୁ, ମାଧୁରୀ ସାହୁକୁ ପୁଲିସ ଗିରଫ କରି କୋର୍ଟ ଚଲାଣ କରିଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ କୁମାର ମହାନ୍ତି ସରଜମିନ ତଦନ୍ତ ପାଇଁ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ସହଯୋଗୀକୁ ପୁଲିସ ଖୋଜୁଛି।

